## ବିଜେଡି କର୍ମୀ ସମ୍ମିଳନୀରେ ପ୍ରଣବ ପ୍ରକାଶ ଓ ନଳିନୀକାନ୍ତ

# ଅନ୍ୟଦଳର ୩୦୦ କର୍ମୀ ବିଜେଡିରେ ସାମିଲ



**ଅନୁଗୋଳ ସଦର /ଅନୁଳିଆ / ଆଠମଲ୍ଲିକ, ୧୮ ।୪(ସମିସ)**

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଅନୁଗୋଳ ବ୍ଲକ ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ୍ ୧ ର ଏକ କର୍ମୀ ସମ୍ମିଳନୀ ଅନୁଳିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ୯ ଗୋଟି ପଞ୍ଚାୟତର ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ଏକ ବିରାଟ ଶୋଭାଯାତ୍ରାରେ ସମ୍ବଲପୁର ବିଧାନସଭା ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କୁ ହଜାର ହଜାର କର୍ମୀ ବାଦ୍ୟଯନ୍ତ୍ର, ସଙ୍କୀର୍ତ୍ତନ ସହ ପାଛୋଟି ନେଇଥିଲେ। ଏହି ଅଞ୍ଚଳର ୩୦ ରୁ ଉର୍ଦ୍ଧ୍ୱ ସାଂସ୍କୃତିକ ସଂଗଠନ ନିଜର କଳା ପ୍ରଦର୍ଶନ କରି ପରିବେଶକୁ ଆକର୍ଷଣୀୟ କରିଥିଲେ। କର୍ମୀ ସମ୍ମିଳନୀରେ ୯ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ, ୱାର୍ଡ ସଭ୍ୟ ଏବଂ ଅନେକ ପଞ୍ଚାୟତ ସଭ୍ୟସଭ୍ୟା ଯୋଗଦାନ କରିଥିଲେ। ପ୍ରାୟ ୩୦ ହଜାର ଭୋଟର ଥିବା ଏହି ଜୋନରେ ୧୦ ହଜାର କର୍ମୀଙ୍କ ଯୋଗଦାନ ଅଞ୍ଚଳବାସୀଙ୍କୁ ବିଜେଡିମୁହାଁ କରିଥିବା କୁହାଯାଇଛି। ଗତ ୨୦୧୯ ସାଧାରଣ ନିର୍ବାଚନରେ ଏହି ଅଞ୍ଚଳରେ ବିଜେଡି ୬ ହଜାର ଭୋଟରେ ବିଜେପିଠାରୁ ଆଗୁଆ ଥିଲା। ଅନୁରୂପ ଭାବରେ ହୋଇଥିଲେ। ସାଂସଦ ପ୍ରାର୍ଥୀ ଶ୍ରୀ ଦାସ ଓ ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନ ଅନ୍ୟଦଳର କର୍ମୀମାନଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଅନୁଳିଆଠାରୁ ଟାଇଁସି ଯାଏ ଥିବା ସମସ୍ତ ରାସ୍ତା ଜନ ଗହଳିରେ ପରିପୂର୍ଣ୍ଣ ଥିଲା। ଜାତୀୟ ରାଜପଥ ଓ ଅନ୍ୟାନ୍ୟ

**● ଜଙ୍ଗଲାଞ୍ଚଳରେ ୧୦ ହଜାର ବିଜେଡି କର୍ମୀଙ୍କ ସମାବେଶ**





୨୦୨୨ ପଞ୍ଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ମଧ୍ୟ ୬ ହଜାର ଭୋଟରେ ଆଗୁଆ ଥିଲା। ଏହି ଅଞ୍ଚଳର ରାସ୍ତା, ପୋଲ ଓ ଅନ୍ୟାନ୍ୟ ଉନ୍ନତି ନଳିନ ବାବୁଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ସମ୍ଭବ ହୋଇଛି ବୋଲି ଆଲୋଚନା ହେଉଛି। ଏହି କର୍ମୀ ସମ୍ମିଳନୀରେ ବିଜେପି ଓ କଂଗ୍ରେସର ପୂର୍ବତନ ସରପଞ୍ଚ ଓ ଅନ୍ୟାନ୍ୟ ୩୦୦ କର୍ମକର୍ତ୍ତା ବିଜେଡିରେ ସାମିଲ ବିକାଶ କ୍ଷେତ୍ରରେ ବିଜେପି ନିଜର ଅପାରଗତା ଦେଖାଇଥିବା ନେଇ ବିଶୋଦଗାର କରାଯାଇଛି। ଅନ୍ୟପକ୍ଷରେ ବିଜେଡିର ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କୁ ସୁଫଳ ଦେଇଥିବା ଆଲୋଚନା କରାଯାଇଛି। ପ୍ରଣବ ପ୍ରକାଶ ଦାସଙ୍କ ପ୍ରତି ଏଭଳି ଜନସମର୍ଥନ ଦେଖି ବିରୋଧୀ ଶିବିର ଛାନିଆ ହେଇପଡ଼ିଥିବା ଦେଖିବାକୁ ମିଳିଥିଲା।







ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଛେଣ୍ଡିପଦା ବିଧାନସଭା ନିର୍ବାଚନ ମଣ୍ଡଳୀର ବଁଅରପାଳ ବ୍ଲକ ଅନ୍ତର୍ଗତ ୨୫ ନଂ ଓ ୨୬ନଂ ଜିଲ୍ଲା ପରିଷଦ ଜୋନର ବିଜେଡି କର୍ମୀ ସମ୍ମିଳନୀ ତୁରଙ୍ଗ ପଞ୍ଚାୟତର ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଚଳିତ ନିର୍ବାଚନରେ ସମ୍ବଲପୁର ଲୋକସଭା ନିର୍ବାଚନ କ୍ଷେତ୍ରର ବିଜେଡି ପ୍ରାର୍ଥୀ ପ୍ରଣବପ୍ରକାଶ ଦାସ ମୁଖ୍ୟ ଅତିଥି ଯୋଗ, ଅନ୍ୟତମ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଯୋଗଦେଇଥିଲେ।

## ନିର୍ବାଚନ ପୂର୍ବରୁ ଜିଲ୍ଲା ପୁଲିସର ବ୍ୟାପକ ଚଢ଼ଉ

**ଅନୁଗୋଳ ୧୮ ।୪(ସମିସ):** ନିର୍ବାଚନ ଅବ୍ୟବହିତ ପୂର୍ବରୁ ଅନୁଗୋଳ ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ସାନ୍ଧ୍ୟ ଓ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗତ ୧୭ ତାରିଖରେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ ସମୟରେ ଅନୁଗୋଳ ଜିଲ୍ଲାର ବିଭିନ୍ନ ଥାନାଞ୍ଚଳରେ ସାମୂହିକ ଚଢ଼ଉ କରାଯାଇ ସମୁଦାୟ ୧୬ ଗୋଟି ମୋକଦ୍ଦମା ରୁଜୁ କରାଯାଇ ୨୦ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ବିଦେଶୀ ମଦ ୨୨୮.୮ ଲିଟର, ଦେଶୀ ମଦ ୭୬.୫୦ ଲିଟର ଓ ଓଏସ ଲିକର ୧୨୪.୪ ଲିଟର ଜବତ କରାଯିବା ସହ ସେମାନଙ୍କ ବେଆଇନ ମଦ କାରବାରରେ ବ୍ୟବହୃତ ଫ୍ରିଜ ଗୁଡିକୁ ମଧ୍ୟ ଜବତ କରାଯାଇଛି। ଏତଦ୍ ବ୍ୟତୀତ ରାତ୍ର ପାଟ୍ରୋଲିଂ ସମୟରେ ଜିଲ୍ଲାରେ ଥିବା ସବୁ ହୋଟେଲ, ଲଜଗୁଡିକୁ ମଧ୍ୟ ଯାଞ୍ଚ କରାଯାଉଛି। ଏହା ସହିତ ଡିଆଇଜି, ଅନୁଗୋଳଙ୍କ ନିର୍ଦ୍ଦେଶରେ ୱାରେଣ୍ଟ ଡ୍ରାଇଭ କରାଯାଇ ୬ ଜଣ ୱାରେଣ୍ଟିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଆଠମଲ୍ଲିକ ସହର





**ଆଠମଲ୍ଲିକ, ୧୮ ।୪(ସମିସ):** ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ଆଠମଲ୍ଲିକ ଯୁବକ ସଙ୍ଘ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ରାମ ନବମୀରେ ଏକ ବିଶାଳ ଶୋଭାଯାତ୍ରା ଆଠମଲ୍ଲିକ ଖେଳ ପଡିଆ ସ୍ଥିତ ହନୁମାନ ମନ୍ଦିରରୁ ବାହାରିଥିଲା। ଶୋଭାଯାତ୍ରା ହନୁମାନ ମନ୍ଦିରରୁ ବାହାରି ଗଣେଶ ବଜାର, ଦୁର୍ଗାବଜାର, ଗାନ୍ଧୀ ଛକ, ବଡ଼ଦାଣ୍ଡ ସାହି, ରଥ ସାହି ଦେଇ ହନୁମାନ ମନ୍ଦିରରେ ସମାପ୍ତ ହୋଇଥିଲା। ଏହି ଶୋଭାଯାତ୍ରାରେ କୀର୍ତ୍ତନ ମଣ୍ଡଳୀ ଓ ବାଜା ତଥା ଡିଜେର ତାଳେ ତାଳେ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଅନେକ ନିଜକୁ ରାମ, ଲକ୍ଷ୍ମଣ, ସୀତା, ଓ ହନୁମାନଙ୍କ ବେଶରେ ସଜାଇ ଟ୍ରାକ୍ଟର ଉପରେ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ନୂତନ କୁମାର ବେହେରା ପରିଚାଳନା କରିଥିଲେ।

## ଥର୍ମାଲ ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଥର୍ମାଲ, ୧୮ ।୪(ସମିସ):** ତାଳଚେର ଥର୍ମାଲ ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ସଭାରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ। ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ଏନଟିପିସି./ ଟିଟିପିପିର ଗୌତମ ଦେବ, ସମ୍ମାନିତ ଅତିଥି ଭାବେ ବିପାଶା ଦେବ ଓ ତାଙ୍କୁ ସହଯୋଗ କରିଥିଲେ ଡକ୍ଟର ଜେ.ପି ରୟ ଜେନେରାଲ ମ୍ୟାନେଜର ଚନ୍ଦ୍ରଶେଖର ଜେନେରାଲ ମ୍ୟାନେଜର (ସିଭିଲ୍), ଦୀପକ ଜି.ଏମ୍, ରୋହିତ କୁମାର ଏଜିମ୍), ଏସ.ବି. ମିଶ୍ର ସିନିୟର୍ ମ୍ୟାନେଜର। ଏହି ସଭାରେ ଡିଏଭିର କ୍ଲଷ୍ଟରହେଡ୍ ଜ୍ୟୋତି ମିଶ୍ର, ଶୁକ୍ଲା ଚକ୍ରବର୍ତ୍ତୀ (ଅଧ୍ୟକ୍ଷା ଡିଏଭି ପବ୍ଲିକ ସ୍କୁଲ ଡେରା, ସମୀର କାନୁନଗୋ (ଅଧ୍ୟକ୍ଷ ଡିଏଭି ପବ୍ଲିକ ସ୍କୁଲ ଏନଟିପିସି / ଟିଟିପିଏସ) ଫକୀର ମୋହନ ସାହୁ( ଅଧ୍ୟକ୍ଷ ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ), ସଂଯୁକ୍ତା ପୃଷ୍ଟି (ଅଧ୍ୟକ୍ଷା ଡିଏଭି ପବ୍ଲିକ ସ୍କୁଲ ଲିଙ୍ଗରାଜ ପବ୍ଲିକ ସ୍କୁଲ), ନରେନ୍ଦ୍ର କୁମାର ପାଇକରାୟ( ଅଧ୍ୟକ୍ଷ ଗଡ଼ତଳ କଲେଜ), ଯୋଗ ଦେଇଥିଲେ। ପରେ ଶିବ ପଞ୍ଚାକ୍ଷରି ଓ ରାମ ନବମୀ ଅବସରରେ ରାମ ଲୀଳା ସହ ଆଠ ଗୋଟି ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସପନ ମିଶ୍ର ଓ ଗୋପୀନାଥ ବେହେରା।



## ପାଲଲହଡ଼ା ବିଜେଡି ପକ୍ଷରୁ ମିଶ୍ରଣ ପର୍ବ



**ଖମାର ୧୮ ।୪(ସମିସ):** ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଖମାର ପଞ୍ଚାୟତ ଓଡ଼ଶ ଠାରେ ବିଜୁ ଜନତା ଦଳ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ତଥା ବିଜେଡି କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଖମାର ପଞ୍ଚାୟତ ଓଡ଼ଶ ଗ୍ରାମର ସନାତନ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ବସନ୍ତ ପ୍ରଧାନ, ଖମାର ଗ୍ରାମର ପଞ୍ଚାନନ ବେହେରା ପ୍ରମୁଖ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ବିଜେଡି ଉପସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ଜିଲ୍ଲା ବିଜେଡି ସହ ସଂପାଦକ ରଂଜିତ କୁମାର ବିଶ୍ୱାଳ, ୨୪ ନଂ ଜୋନ ପର୍ଯ୍ୟବେକ୍ଷକ ଦିଲ୍ଲୀପ ଉଦାବଳ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ବିଜିଗୋଳରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ

**କଣିହାଁ, ୧୮।୪(ସମିସ):** କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳ ଗ୍ରାମସ୍ଥ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଜନ୍ମୋତ୍ସବ ଓ ରାମନବମୀ ଯାତ୍ରା ପାଳିତ ହେଉଛି। ଆଜି ସକାଳ ବେଳେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୁଭଦ୍ରାଙ୍କୁ ପୁରୋହିତ ନାଭ ଦାଶ ପୂଜାର୍ଚ୍ଚନା କରିବା ପରେ ଆସ୍ଥାନକୁ ପହଣ୍ଡି ବିଜେ କରାଯାଥିଲା। କର୍ତ୍ତା ଭାବରେ ଗ୍ରାମ୍ୟ କମିଟି ସମ୍ପାଦକ ଗଣେଶ୍ୱର ପାଣି ଓ ତାଙ୍କ ପତ୍ନୀ ଦାୟିତ୍ୱ ନିର୍ବାହ କରିଥିଲେ। ଗତକାଲି ପ୍ରଭୁ ଶ୍ରୀରାମଙ୍କୁ ଧୂପଦୀପ ନୈବେଦ୍ୟରେ ପୂଜାର୍ଚ୍ଚନା ସହ ସଂଧ୍ୟା ଆଳତି ବେଳେ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି ହୋଇଥିଲା। ଏହି ଅବସରରେ ଗତକାଲି ବିଜିଗୋଳ ଗ୍ରାମର ପୁରୁଣା ରାମମନ୍ଦିର ଠାରୁ ସନ୍ଧ୍ୟାରେ ଦିଅଁଙ୍କୁ ଏକ ବିରାଟ ପଟୁଆର ଶୋଭାଯାତ୍ରାରେ ବିଜେ କରାଯାଇ ଯାତ୍ରାସ୍ଥଳକୁ ଅଣାଯିବା ପରେ ରାତି ୯ଟାରେ ଯାତ୍ରାମଣ୍ଡପରେ ପ୍ରଭୁଙ୍କୁ ବିରାଜମାନ କରାଯିବ ବୋଲି ଗ୍ରାମ୍ୟ କମିଟି ସୂତ୍ରରୁ ପ୍ରକାଶ। ଭଜନ ସଂଧ୍ୟା, ଦଣ୍ଡନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ବେଳେ ଶତାଧିକ ବହୁ ଉଠା ଦୋକାନ ନିଜର ବିକ୍ରିବଟା ନିମନ୍ତେ ପସରା ମେଲାଇଛନ୍ତି। ବିଜିଗୋଳ ଗ୍ରାମର ୭୦ରୁ ଅଧିକ ଯୁବକ ଶାନ୍ତି ଶୃଙ୍ଖଳାର ଦାୟିତ୍ୱ ତୁଲାଉଥିଲେ। ଗ୍ରାମ୍ୟ କମିଟି ସଭାପତି ଶଶାଙ୍କ ଶେଖର ପାଣି, କୋଷାଧ୍ୟକ୍ଷ ସୁବ୍ରତ କୁମାର ସାହୁ, ଜିତେନ୍ଦ୍ର ସୁବୁଦ୍ଧି, ସନ୍ତୋଷ କୁମାର ପାଣି, ପ୍ରହ୍ଲାଦ ଚନ୍ଦ୍ର ପାଣି, ବିଭୁତି ସାହୁ, ହେମନ୍ତ କୁମାର ପ୍ରଧାନ, ସୁଲେନ୍ କୁମାର ଧର, ଜ୍ଞାନେସ୍ ରଞ୍ଜନ ନାଥ, ଅଙ୍କିତ ନାଥ, ନବୀନ ନାଥ, ପଞ୍ଚାନନ୍ଦ ଧର, ଟିକନ ସାହୁ, ସରୋଜ ବେହେରା, ମାନସ ରଞ୍ଜନ ନାଥ, ପ୍ରତାପ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ୪୦୦ ଲିଟର ବିଦେଶୀ ମଦ ଜବତ; ୪ ଗିରଫ

**କିଶୋରନଗର,୧୮।୪(ସମିସ):** କିଶୋରନଗର ଥାନାର କୁମୁରସିଙ୍ଗା ଓ ଦୋହଲୀରେ ଅନୁଗୋଳ ଏସପି ଉମାଶଙ୍କର ଦାଶଙ୍କ ନେତୃତ୍ୱରେ ଅତିରିକ୍ତ ଏସପି ଏସ୍ ମିଶ୍ର ଓ ସଦଳବଳ ଚଢ଼ଉ କରି ୨ଟି ସ୍ଥାନରୁ ୪୦୦ ଲିଟର ବିଦେଶୀ ମଦ ଜବତ କରିଛନ୍ତି। ଏଥିସହ ୪ ଜଣଙ୍କୁ ଗିରଫ କରି ଆଜି ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି।

## ବାଇକ ଜବତ, ଜଣେ ଗିରଫ

**ବଇଣ୍ଡା, ୧୮ ।୪(ସମିସ):** ଠାକୁରଗଡ଼ ପୁଲିସ ବୁଧବାର ରାତିରେ ଠାକୁରଗଡ଼ ଅଞ୍ଚଳରେ ଯାଞ୍ଚ କରୁଥିବା ବେଳେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ ଠାକୁରଗଡ଼ ଅଞ୍ଚଳର ରାଜକିଶୋର ବେହେରାଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କଠାରୁ ବାଇକ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

## ଘରେ ପଶି ମାଡ଼ ଅଭିଯୋଗ

**ବଇଣ୍ଡା, ୧୮ ।୪(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ସୋଲଣ୍ଡା ଗ୍ରାମର ପ୍ରମୋଦ ପ୍ରଧାନ ଓ ତାଙ୍କ ୨ ଝିଅଙ୍କୁ ତାଙ୍କ ଭାଇ ପ୍ରଫୁଲ୍ଲ ପ୍ରଧାନ ମାଡ଼ ମାରିଥିବା ପ୍ରମୋଦ ବୁଧବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ସେ ଓ ତାଙ୍କ ସ୍ତ୍ରୀ, ଝିଅମାନେ ଘରେଥିବା ବେଳେ ପ୍ରଫୁଲ୍ଲ ଘରକୁ ଆସି ପ୍ରଥମେ ପ୍ରମୋଦଙ୍କ ପତ୍ନୀଙ୍କୁ ଗାଳିଗୁଜଳ କରିଥିଲେ। ଏଥିରେ ପ୍ରମୋଦ ପ୍ରତିବାଦ କରିବାରୁ ତାଙ୍କୁ ଓ ତାଙ୍କ ଝିଅମାନଙ୍କୁ ପ୍ରଫୁଲ୍ଲ ମାଡ଼ମାରିବା ସହ ଗାଳି ଗୁଲଜ କରିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

## ବାସନ୍ତୀ ଦୁର୍ଗାପୂଜା ମଣ୍ଡପରେ ମହାଦଶମୀ ପୂଜା



**ଅନୁଗୋଳ ୧୮ ।୪(ସମିସ):** ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଆଜି ସକାଳେ ସୂର୍ଯ୍ୟପୂଜା ଗୋପୂଜା, ଅପରାଜିତା ପୂଜା, ଚରୁ ବିତରଣ ପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ଦେଖିବାକୁ ବହୁ ଲୋକଙ୍କ ସମାବେଶ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ମା' ବାସନ୍ତୀଙ୍କ ଭଷାଣି ସମାରୋହ ଅନୁଷ୍ଠିତ ହେବ।

## ତାଳଚେରରେ ବୃକ୍ଷରୋପଣର ଅଭାବ ଯୋଗୁ ବଢୁଛି ଜଳକଷ୍ଟ

# ବ୍ରାହ୍ମଣୀ ପାଲଟିଛି ଜହର, ଚାଷୀ ହତାସ୍

**ତାଳଚେର ସଦର, ୧୮ ।୪(ସମିସ)**

ତାଳଚେରର ସମସ୍ୟା ଦିନକୁ ଦିନ ବଢ଼ିବାବାରେ ଲାଗିଛି। ଏହି କିଛି ମାସ ତଳେ ପ୍ରାକ୍ତନ ପାଲଲହଡ଼ା ବିଧାୟକ ତଥା ତାଳଚେର ମାଟିର ପୁଅ ବିଭୁଧେନ୍ଦୁ

**● କାଗଜ କଲମରେ ସୀମିତ ବୃକ୍ଷରୋପଣ**

ପ୍ରତାପ ଦାସ ତାଳଚେରରେ ଅଧିକ ଗ୍ରୀଷ୍ମ ଅନୁଭୂତି ଓ ଜଳକଷ୍ଟକୁ ଦୃଷ୍ଟିରେ ରଖି ହ୍ୟୁମାନ ରାଇଟସ ନ୍ୟାୟାଳୟରେ ବ୍ୟାପକ ବୃକ୍ଷରୋପଣ ଉପରେ ଏକ ପିଟିସନ୍ ଦାୟର କରିଥିଲେ। ଏହାର ଶୁଣାଣି କରି ହ୍ୟୁମାନ୍ ରାଇଟ୍ ନିର୍ଦ୍ଦେଶନାମା କରିଥିଲେ କି,



ଅନୁଗୋଳ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ତାଳଚେରର ବିଭିନ୍ନ ଅଞ୍ଚଳରେ ତଥା ନଦୀପଠା, ସରକାରୀ ଜମି ଏପରିକି, ପଡ଼ିଆ ପଡ଼ିଥିବା ଜମିରେ ସିଏସଆର୍ ଅର୍ଥରୁ ଖର୍ଚ୍ଚ କରାଯାଇ ବ୍ୟାପକ ମାତ୍ରାରେ ବୃକ୍ଷରୋପଣ କରି ତାଳଚେର ପରିବେଶକୁ ପୂର୍ବ ଅବସ୍ଥାକୁ ଫେରାଇନେବା ପାଇଁ ଲକ୍ଷ୍ୟ କରି ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶନାମା ଶୀତତାପ ନିୟନ୍ତ୍ରଣ କୋଠରୀରେ ନାଲିଫିତା ତଳେ ସୀମିତ ହୋଇ ରହିଯାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ଶିଳ୍ପନଗରୀ ତାଳଚେର ଅଞ୍ଚଳ ଦେଇ ଏକମାତ୍ର ଚିରସ୍ରୋତା ବ୍ରାହ୍ମଣୀନଦୀ ବୋହି ଯାଇଛି। ପୂର୍ବରୁ ଏହି ବ୍ରାହ୍ମଣୀ ନଦୀକୁ ଦୃଷ୍ଟିରେ ରଖି ଚାଷୀ ଚାଷକାର୍ଯ୍ୟ କରିବା ସହ ଏହି ଜଳକୁ ଘରୋଇ ବ୍ୟବହାରଯୋଗ୍ୟ କରିପାରୁଥିଲା। ମାତ୍ର କଳ କାରଖାନା ଶିଳ୍ପ ଯୋଗୁଁ ଏହି ନଦୀଜଳ ଆଜି ଜହର ହେବା ସହ ନଦୀ ପଡ଼ିଛି ଶୁଖିଲା। ଏହି ବ୍ରାହ୍ମଣୀ ନଦୀ ଉପରେ ସମଗ୍ର ତାଳଚେର ନିର୍ଭରଶୀଳ। ମାତ୍ର ନଦୀ କୂଳରେ ମାଳମାଳ ପମ୍ପ ହାଉସ୍ କରି କଳ କାରଖାନା ପାଣି ଶୋଷି ନେଉଥିବାରୁ ନଦୀ ଶୁଖିଲା ହେବା ସହ ଅଞ୍ଚଳବାସୀ ପାଣି ଟୋପେ ପାଇଁ ହେଉଛନ୍ତି ଢ଼ହକବିକଳ। ଏପରିକି, ତାଳଚେରରେ ବ୍ୟାପକ କୋଇଲା ଖଣି ଜନିତ ଭୂ-ଗର୍ଭରୁ ଜଳସ୍ରୋତ ନିମ୍ନଗାମୀ ହେବା ସହ ଜଙ୍ଗଲ, ଝରଣା ଇତ୍ୟାଦିକୁ ପଦା କରି ଦିଆଯାଉଥିବାରୁ ତାଳଚେରରେ ମାଟିର ଆଦ୍ରତା କ୍ରମଶଃ ହ୍ରାସ ପାଇବା ସହିତ ଜଳ ନିମ୍ନଗାମୀ ଯୋଗୁଁ ଚାଷବାସ ହରାଇବା ଏବଂ ଜଳ ଟୋପେ ପାଇଁ ହାହାକାର ହେଉଥିବା ଲକ୍ଷ୍ୟ କରାଯାଉଛି। ଏଠାରେ ଜଙ୍ଗଲ ନାମରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ତାହା ଆଜି ହୋଇଛି ବାଟବଣା। ଏହି ଗ୍ରୀଷ୍ମଋତୁରେ ତାଳଚେରରେ ରାଷ୍ଟ୍ରାୟାତ ଉଦ୍ୟୋଗ ଏନଟିପିସି, ରେଙ୍ଗାଳୀ ଭଳି ବିଦ୍ୟୁତ୍ କାରଖାନା ରହିଥିଲେ ମଧ୍ୟ ଏଠାରେ ଘନ ଘନ ବିଦ୍ୟୁତ୍ କାଟ୍, ଲୋ ଭୋଲଟେଜ୍ କଟାଘା'ରେ ଚୂନ ଦେଲା ଭଳି ଅବସ୍ଥା ସୃଷ୍ଟିକରିଛି।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଏକଦିବସୀୟ ପ୍ରଶିକ୍ଷଣ

# ଭୋଟ ହାରରେ ବୃଦ୍ଧି ଓ ଶୂନ୍ୟ ରି-ପୋଲ୍ ଲକ୍ଷ୍ୟ





**କେନ୍ଦ୍ରାପଡ଼ା,୧୮।୪(ସମିସ):** ଆସନ୍ତା ଜୁନ୍ ମାସ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ପୂର୍ବ ନିର୍ବାଚନ ଅପେକ୍ଷା ଏଥର ଭୋଟ୍‌ଦାନ ହାରରେ ବୃଦ୍ଧି ଓ ଶୂନ୍ୟ ରି-ପୋଲ୍ ଲକ୍ଷ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକ୍ ଏବଂ କେନ୍ଦ୍ରପଡ଼ା ମ୍ୟୁନିସିପାଲିଟିର ୯୦୦ରୁ ଅଧିକ ବୁଥ୍‌ସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରି ଜିଲ୍ଲା ପ୍ରଶାସନର ଏହି ଲକ୍ଷ୍ୟକୁ ସାକାର କରିବେ ବୋଲି ନିଜ ନିଜର ପ୍ରତିକ୍ରିୟାରେ କହିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ଯୋଗ ଦେଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ନିର୍ବାଚନର ସଫଳ ରୂପାୟନ ପାଇଁ ତୃଣମୂଳସ୍ତରରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିରନ୍ତର ସଂଶୋଧନ ପ୍ରକ୍ରିୟାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଥିବା ଏହି ଅଧିକାରୀମାନେ ଅନୁପସ୍ଥିତ ଭୋଟର୍‌ମାନଙ୍କ ଭୋଟ୍‌ଗ୍ରହଣ, ଭୋଟର ସୂଚନା ପତ୍ର ବଣ୍ଟନ, ଭୋଟର ସହାୟତା କେନ୍ଦ୍ରରେ ମଧ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଅନୁପସ୍ଥିତ ମତଦାତା ବା ଆବ୍‌ସେଣ୍ଟି ଭୋଟର୍‌ମାନେ ପୋଷ୍ଟାଲ୍ ବାଲାଟ୍ ସିଷ୍ଟମ୍ ଦ୍ୱାରା ଭୋଟ୍ ଦେବାକୁ ଯୋଗ୍ୟ ଅଟନ୍ତି। ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱର୍ ବରିଷ୍ଠ ନାଗରିକ, ୪୦ ପ୍ରତିଶତରୁ ଊର୍ଦ୍ଧ୍ୱର୍ ଶାରୀରିକ ଅକ୍ଷମତା ଥିବା ବ୍ୟକ୍ତି, ନିର୍ବାଚନ ଆୟୋଗଙ୍କ ଦ୍ୱାରା ଅଧିସୂଚୀତ ଅତ୍ୟାବଶ୍ୟକୀୟ ସେବାରେ ନିଯୁକ୍ତ ହୋଇଥିବା ବ୍ୟକ୍ତି ବିଶେଷ ପୋଷ୍ଟାଲ୍ ବାଲାଟ୍ ସିଷ୍ଟମ୍ ଦ୍ୱାରା ଭୋଟ୍ ଦେଇପାରିବେ। ହୋମ୍ ଭୋଟିଂ ପାଇଁ ସେମାନଙ୍କୁ ୧୨-(ଡି) ଫର୍ମ ପ୍ରଦାନ କରି ଭୋଟଦାନକୁ ସୁନିଶ୍ଚିତ କରାଇବେ ବୁଥ୍‌ସ୍ତରୀୟ ଅଧିକାରୀ। ନିର୍ବାଚନରେ ଭିନ୍ନକ୍ଷମ ମତଦାତାମାନଙ୍କର ସକ୍ରିୟ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ସୁଗମ ଭୋଟର୍ ସୂଚନା ସ୍ଲିପ୍ ବଣ୍ଟନ କରିବେ। ଏଏମ୍‌ଏଫ୍ ଫାସିଲିଟିଜ୍ ଯଥା ପାନୀୟଜଳ, ଟଏଲେଟ୍, ର୍‌ୟାମ୍ପ୍, ଲାଇଟ୍ ଆଦି ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବେ। ପ୍ରତ୍ୟେକ ମତଦାନ କେନ୍ଦ୍ରର ପରିସରରେ ଥିବା ଭୋଟର ସହାୟତା କେନ୍ଦ୍ର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସଂସ୍ଥାପତି ଓ ପରିଚାଳିତ ହୋଇଥାଏ। ଶତପ୍ରତିଶତ ଭୋଟଦାନ ପାଇଁ ନିର୍ବାଚନ ଆୟୋଗଙ୍କ ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ ଏସ୍‌ଭିଇଇପିକୁ ବୁଥ୍‌ସ୍ତରୀୟ ଅଧିକାରୀମାନେ ତ୍ୱରାନ୍ୱିତ କରିବେ। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ କେନ୍ଦ୍ରାପଡ଼ା ତହସିଲ୍‌ର ତହସିଲ୍‌ହାର ଏବଂ ବ୍ଲକ୍‌ର ବିଡିଓ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା ପୌରସଂସ୍ଥାରେ ଆବାସ ଯୋଜନାରେ ନିର୍ମିତ ଗୃହ ମିଳୁ ନ ଥିବା ଅଭିଯୋଗ

**କେନ୍ଦ୍ରାପଡ଼ା,୧୮।୪(ସମିସ):** କେନ୍ଦ୍ରାପଡା ପୌରସଂସ୍ଥାରେ ଆବାସ ଯୋଜନାରେ ନିର୍ମାଣ କରାଯାଇଥିବା ଗୃହ ମିଳୁନଥିବା ନେଇ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ପୌରାଞ୍ଚଳ ଅଧିନ ୧୬ନମ୍ବର ୱାର୍ଡରେ ଦୁଇଜଣ ହିତାଧିକାରୀଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ସେହି ଦୁଇଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ୩ଟି କିସ୍ତିରେ ଅର୍ଥ ପ୍ରଦାନ କରାଯାଇଥିବା ବେଳେ ଏବେ ସେହି ନିର୍ମାଣ କରାଯାଇଥିବା ଗୃହ ଦୁଇଟି ମିଳୁନଥିବା ନେଇ ଅଭିଯୋଗ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଉଭୟ ହିତାଧିକାରୀଙ୍କୁ ଯେଉଁ ପ୍ଲଟରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ସେହି ପ୍ଲଟ ଉପରେ କୌଣସି ଗୃହ ନଥିବା ଅଭିଯୋଗ ହୋଇଛି। କିନ୍ତୁ ସଂପୃକ୍ତ ଆବାସ ଯୋଜନାର ସେହି ହିତାଧିକାରୀଦ୍ୱୟଙ୍କୁ ୩ଟି କିସ୍ତିରେ ଅର୍ଥ ପ୍ରଦାନ କରାଯାଇଛି। ଏହି ଆବାସ ହିତାଧିକାରୀଙ୍କୁ କିଭଳି ଭାବେ ଉପଯୁକ୍ତ ତଦାରଖ ବିନା ୩ଟି କିସ୍ତିରେ ଅର୍ଥ ପ୍ରଦାନ କରାଗଲା ତାହା ସନ୍ଦେହ ସୃଷ୍ଟି କରିଛି। ପୌରସଂସ୍ଥାରେ ଆବାସ ଯୋଜନାରେ ଏଭଳି ଆହୁରି ଅଧିକ ଦୁର୍ନୀତି ହୋଇଥାଇପାରେ ବୋଲି ମଧ୍ୟ ଅଭିଯୋଗ ହୋଇଛି ।ଏସମ୍ପର୍କରେ ଅଭିଯୋଗ ପାଇବା ପରେ ପୌରସଂସ୍ଥାର ଏମଇ ଓ ଅମିନଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଗୋବିନ୍ଦପୁର-ମାନପୁର ଆର୍‌ଡି ରାସ୍ତା କାମ ଅଧପନ୍ତରିଆ



**ଗୋବିନ୍ଦପୁର,୧୮।୪(ସମିସ):** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ମାନପୁର ରାସ୍ତା ଆଳି ଧୋୟା ଅଞ୍ଚଳର ମୁଖ୍ୟ ରାସ୍ତା। ଏହି ରାସ୍ତା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଦୁର୍ନୀତି ଖୋର ମନୋଭାବ ଯୋଗୁ ରାସ୍ତା ଅଧିକାଂଶ ସମୟରେ ବିପର୍ଯ୍ୟସ୍ତ ହୋଇଯାଏ। ଯେତେବେଳେ ମରାମତି ହୁଏ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ସ୍ଥାୟିତ୍ୱ ବେଶିଦିନ ଯାଏନାହିଁ। କିଛିଦିନ ପରେ ରାସ୍ତା ଯଥା ପୂର୍ବଂ ତଥା ପରଂ ହୋଇଯାଏ। ଏହି ଦଶ କିମି ଆରଡି ରାସ୍ତା ଦୀର୍ଘ ଦିନ ହେଲା ମରଣଯନ୍ତା ଅବସ୍ଥାରେ ରହିଥିଲା। ଜନସାଧାରଣଙ୍କ ବାରମ୍ବାର ଦାବି ପରେ ୫ କିମି ରାସ୍ତା ମରାମତି କରାଯାଇ ଅବଶିଷ୍ଟ ଅଧପନ୍ତରିଆ ଭାବେ ରହିଥିବାରୁ ଏହି ବାକି ରହିଥିବା ରାସ୍ତା ଶୋଚନୀୟ ହୋଇ ରହିଛି। ଯେଉଁ କାର୍ଯ୍ୟ କରାଯାଇଛି ତାହା ନିମ୍ନ ମାନର ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଜୁଆଣିଆ ବାଳିକା ହାଇସ୍କୁଲ ନିକଟରେ ଦୁଇଟି ବଡ ଗାତ ବିପଦପୂର୍ଣ୍ଣ ହୋଇ ରହିଛି। ଏହି ରାସ୍ତା ଶୋଚନୀୟ ସମ୍ପର୍କରେ ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରାଇଲେ ମଧ୍ୟ ରାସ୍ତା ମରାମତି କରାଯାଉ ନାହିଁ। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଲୋକେ ଯାତାୟତରେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ବାକିଥିବା କର୍ଯ୍ୟ କରିବାକୁ ଧୋୟା ଅଞ୍ଚଳ ଜନସାଧାରଣ ପକ୍ଷରୁ ଦୃଢ ଦାବି ହେଉଛି।

## ଅର୍ଥ ଆତ୍ମସାତ ଅଭିଯୋଗରେ ୨ ଗିରଫ





**ରାଜକନିକା ,୧୮।୪(ସମିସ):** ରାଜକନିକା ଅଞ୍ଚଳରେ ବିଭିନ୍ନ ପ୍ରକାର ନେଟୱାର୍କ ସଂସ୍ଥା ଖୋଲି ବିବିଧ କେଳଙ୍କାରୀ କରି ଅର୍ଥ ନେଇ ଫେରାର ହେବା ଘଟଣା ଘଟୁଛି ।ତେବେ ସ୍ଥାନୀୟ ବାଘବୁଦା ଗାଁ ରେ ସର୍ଟିନ କ୍ରେଡିଟ କେୟାର ନେଟୱାର୍କ ଲିଃ ନାମକ ଅର୍ଥ ଲଗାଣ କାରୀ ସଂସ୍ଥା ଲୋକଙ୍କ ଅର୍ଥ ଆତ୍ମସାତ କରି ମ୍ୟାନେଜର ଓ ଡେପୁଟି ମ୍ୟାନେଜର ଗିରଫ ହୋଇଛନ୍ତି ।ସୂଚନା ମୁତାବକ ଏହି ସଂସ୍ଥା ଲୋକଙ୍କୁ ଋଣ ଲଗାଣ କରି ସୁଧ କାରବାର କରୁଥିବା ବେଳେ ସଂସ୍ଥାର ମ୍ୟାନେଜର ଥିବା ଆଗରପଡା ଥାନା ନରିପୁର ଗାଁର ସାଗର ପଣ୍ଡା ଓ ଡେପୁଟି ମ୍ୟାନେଜର ଥିବା ଖନ୍ତାପଡା ଥାନା ତୁହ୍ରା ଗାଁର ରାଜୀବ ବିଶ୍ୱାଳ ନିଜକୁ ନିଜେ ଆଦାୟ ହୋଇଥିବା ଅର୍ଥ ଜମା ନ କରି ଦିନ ଗଡେଇବା ପରେ ଲୋକେ ଉଭୟଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ ।ଘଟଣାର ଆପୋଷ ସମାଧାନ ପାଇ ଦିନ ଗଡେଇବା ପରେ ପୁଲିସ ସେମାନଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୩୩ ହଜାର ଟଙ୍କା ଓ ୫ ଟି ମୋବାଇଲ ଜବତ କରିଛି।

## ପାଇକା ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ମହାକାଳପଡ଼ା, ୧୮।୪(ସମିସ):** ମହାକାଳପଡ଼ା ବ୍ଲକ ଖୁରୁଷିଆ ଗ୍ରାମର ସତ୍ୟବତୀ ମଲିକ (୬୬) ଗୁରୁବାର ପାଇକା ନଦୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି ।ମଧ୍ୟାହ୍ନରେ ଶୌଚ ହେବାକୁ ଗ୍ରାମ ନିକଟସ୍ଥ ପାଇକା ନଦୀକୁ ଯାଇଥିବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ନଦୀରେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି । ଦୀର୍ଘ ସମୟ ଧରି ଶୌଚ ହୋଇ ନ ଫେରିବାରୁ ପରିବାର ଲୋକ ଏବଂ ଗ୍ରାମବାସୀ ଖୋଜାଖୋଜି କରି ନିରାଶ ହୋଇଥିଲେ । ଖବର ପାଇ ଦମକଳ କେନ୍ଦ୍ରର କର୍ମଚାରୀ ମାନେ ପହଞ୍ଚି ଖୋଜାଖୋଜି କରିବା ପରେ ନଦୀର ଗଣ୍ଡ ଭିତରୁ ମୃତଦେହକୁ ଉଦ୍ଧାର କରିଥିଲେ। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାରକାର୍ଯ୍ୟକୁ ତଦାରଖ କରିଥିଲେ

## ପୂଜା ମଣ୍ଡପ ବୁଲିଲେ ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ



**ଗରଦପୁର,୧୮।୪(ସମିସ):** ପାଟକୁରା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାସନ୍ତୀ ଦୁର୍ଗା ମଣ୍ଡପରେ ଯୋଗଦେଇଛନ୍ତି ପାଟକୁରା ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର। ଗରଦପୁର ବ୍ଲକ ଅନ୍ତର୍ଗତ ଚାଉଳିଆବାମେରା ଓ ପରେ ବେଡାରୀ ପଞ୍ଚାୟତ ସୋଲପାଟ ଗ୍ରାମରେ ଚାଲିଥିବା ମା' ବାସନ୍ତୀ ଦୁର୍ଗା ପୂଜା ମଣ୍ଡପରେ ସେ ଯୋଗଦେଇଥିଲେ। ଅରବିନ୍ଦଙ୍କ ଯୋଗଦେବା ପୂର୍ବରୁ ମା' ବାସନ୍ତୀ ପୂଜା କମିଟିର ସମସ୍ତ ସଭ୍ୟ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ସମୟରେ ପୂଜା କମିଟିର ସଭାପତି, ସମ୍ପାଦକ ଓ ଗ୍ରାମବାସୀ ଉପସ୍ଥିତ ରହିବା ସହିତ ଅରବିନ୍ଦଙ୍କ ସହିତ ଯୋଗଦେଇଥିଲେ। ଯୁବନେତା କ୍ଷୀତିଶ ଚନ୍ଦ୍ର ଦାସ,ପଦ୍ମପୁର ପଞ୍ଚାୟତ ସରପଞ୍ଚ ଅନୁସୂୟା ବେହେରା, ବେଡାରି ପଞ୍ଚାୟତ ସରପଞ୍ଚ କୁଞ୍ଜଲତା ମିଶ୍ର, ପ୍ରତାପ ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଅମର ବେହେରା, ଦୁଃଖିଶ୍ୟାମ ସେନାପତି,ନଗେନ ସ୍ୱାଇଁ, ସୁଦୁସ୍ମିତା ଲେଙ୍କା ଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

## ଚିତ୍ରୋତ୍ପଳା ନଦୀରେ ବୁଡ଼ି ଯୁବକ ମୃତ



**ଗରଦପୁର,୧୮।୪(ସମିସ):** ଗୁରୁବାର ମଧ୍ୟାହ୍ନ ସମୟରେ ଗରଦପୁର ବ୍ଲକ୍ କୁଦାନଗରୀ ଥାନା ଅଞ୍ଚଳରେ ଘଟିଯାଇଛି ଏକ ଦୁଃଖଦାୟକ ଘଟଣା। ତଳକୁସୁମା ଗ୍ରାମର କେଶବ ରଥଙ୍କ ମାଆ ଭାଗ୍ୟବତୀ ରଥଙ୍କ ଗୁରୁବାର ଦିନ ଦ୍ୱାଦଶାହ କର୍ମ ଚାଲିଥିବା ବେଳେ କେଶବଙ୍କ ଏକ ମାତ୍ର ପୁଅ ୨୧ ବର୍ଷୀୟ ସେବକ ରଥ ସ୍ଥାନୀୟ ଚିତ୍ରୋତ୍ପଳା ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଏହା ସ୍ଥାନୀୟ ଲୋକେ ଓ ପରିବାର ଲୋକେ ଜାଣିବା ପରେ ବହୁ ଖୋଜା ଖୋଜି କରିବା ପରେ ଯୁବକ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଦୁଃଖଦ ଖବର ସ୍ଥାନୀୟ ବାସିନ୍ଦାଙ୍କୁ ସ୍ତବ୍ଧ କରି ଦେଇଥିବା ବେଳେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ଖବର ପାଇବା ପରେ ସ୍ଥାନୀୟ ସରପଞ୍ଚ ପ୍ରଭାତନଳିନୀ ଜେନା, ପୂର୍ବତନ ସରପଞ୍ଚ ଅଜୟ ଦାଶ, ଅଶୋକ ଜେନାଙ୍କ ସହ ଶତାଧିକ ଲୋକେ କେଶବଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଏତଲାର ୪୮ ଘଣ୍ଟା ପରେ ବି ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ୍

**ରାଜକନିକା,୧୮।୪(ସମିସ):** ରାଜକନିକା କୋଇଲିପୁର ପଞ୍ଚାୟତ ଇଟାପୋଖରୀ ଗାଁର ପଦ୍ମାବତୀଙ୍କ ମୃତ୍ୟୁ ପରେ ତାଙ୍କର ସାନ ଝିଅ ବନ୍ଦନା ନାୟକ ରାଜକନିକା ଥାନାରେ ଗତ ୧୨ତାରିଖ ଦିନ ତାଙ୍କ ମାଙ୍କୁ ସାବତ ଭାଇ ସମ୍ପତ୍ତି ଲୋଭରେ ହତ୍ୟା କରିଥିବା ଓ ତରବିରିଆ ଭାବରେ ଝିଅମାନଙ୍କୁ ନଜଣାଇ ପୁରୀ ସ୍ୱର୍ଗଦ୍ୱାରରେ ପୋଡ଼ିଦେବା ଭଳି ସଙ୍ଗୀନ ଅଭିଯୋଗ କରିଥିଲେ। ଏନେଇ ରାଜକନିକା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଫଳରେ ପୁଣି ବନ୍ଦନା ୧୬ ତାରିଖ ଦିନ ଆଉ ଏକା ଲିଖିତ ଅଭିଯୋଗ ରାଜକନିକା ଥାନାରେ କରିଥିଲେ। ଶେଷ ଏତଲାର ୪୮ ଘଣ୍ଟା ପରେ ବି ରାଜକନିକା ପୁଲିସ ତଦନ୍ତ କରିବା ଦୂରର କଥା ଅଭିଯୋଗ ହୋଇଥିବା ସାବତ ପୁଅ ଉପେନ୍ଦ୍ର ବେହେରାଙ୍କୁ ପଚରା ଉଚରା ବି କରିନାହିଁ ।ଯାହା ଫଳରେ ଆଜି ବନ୍ଦନା ଓ ତାଙ୍କ ବଡ଼ ଭଉଣିମନୋରମା ଗଣମାଧ୍ୟମ ଆଗରେ ନିଜର ପ୍ରତିକ୍ରିୟା ରଖି ରାଜକନିକା ଥାନା ପୁଲିସ ଚାପଗ୍ରସ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ କରିଛନ୍ତି ।ପଦ୍ମାବତୀଙ୍କ ସାବତ ପୁଅ ଉପେନ୍ଦ୍ର ଆଗରୁ ତାଙ୍କୁ ଅନେକ ଥର ମାଡ଼ ମାରିବା ସହିତ ମାନସିକ ଯନ୍ତ୍ରଣା ଦେଉଥିବା ଏପରିକି ତକିଆ ପକେଇ ଅଣନିଶ୍ୱାସୀ କରିବା ଓ କାଳେ ପଦ୍ମାବତୀ ନିଜ ଝିଅ ବା ଗାଁ ଲୋକଙ୍କୁ ଏହି ଘଟଣା ଜଣାଇ ଦେବେ ତେଣୁ ତାଙ୍କୁ ଘରୁ ବାହାରକୁ ନଛାଡି ଗୋଟିଏ ଘରେ ତାଳା ଦେଇ ରଖୁଥିବା ଏବଂ ନିଜ ଝିଅ ଓ ନାତି ଙ୍କ ସହିତ ଦେଖା କରାଇ ନଦେବା କହିଛନ୍ତି ଝିଅ ମନୋରମା ଓ ବନ୍ଦନା। ତେବେ ଏ ନେଇ ସେମାନେ ସମସ୍ତ ପ୍ରମାଣକୁ ଆଧାର କରି ସାବତ ଭାଇ ନାଁରେ ଥାନାରେ ଅଭିଯୋଗ କରିଥିବା ଗଣମାଧ୍ୟମ ଆଗରେ ସୂଚନା ସୂଚନା ଦେଇଥିବା ବେଳେ ଏ ନେଇ ସାବତ ପୁଅ ଉପେନ୍ଦ୍ର ଙ୍କର ପ୍ରତିକ୍ରିୟା ମିଳି ପାରିନାହିଁ। ତେବେ ଏହି ଅଭିଯୋଗକୁ ଆଧାର କରି ରାଜକନିକା ଥାନା ଅଧିକାରୀଙ୍କୁ ପଚାରିବାରୁ ଏହି ଘଟଣା ଜାଗା ବାଡ଼ି ବିବାଦରୁ ହେଉଥିବା ଥାନା ଅଧିକାରୀ ଦିଲ୍ଲୀପ ଧଳ ସୂଚନା ଦେଇଛନ୍ତି।

## ଅସନ୍ତୋଷ ଝାଡ଼ିଲେ ପୁରୁଣା ବିଜେପି କର୍ମୀ



**ମହାକାଳପଡ଼ା,୧୮।୪(ସମିସ):** ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ପୁରୁଣା ବିଜେପି କର୍ମୀଙ୍କ ବୈଠକ ରାମନଗର ବଜାର ନିକଟରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ନିର୍ବାଚନ ସମୟରୁ ନୂଆ କରି ସାମିଲ ହୋଇଥିବା କେତେକ କର୍ମୀ ଏକତରଫା ଭାବେ ବିଭିନ୍ନ ନିଷ୍ପତ୍ତି ନେଉଥିବାରୁ ପୁରୁଣା କର୍ମୀ କୋଣଠେସା ହେଉଥିବା ନେଇ ବୈଠକରେ ଅସନ୍ତୋଷ ଝାଡ଼ିଥିଲେ। ଓବିସି ମୋର୍ଚ୍ଚା ବ୍ଲକ ସମ୍ପାଦକ ସୁଜିତ କୁମାର ମାଇତି ବୈଠକକୁ ସଂଯୋଜନା କରିଥିବାବେଳେ ସୁଜିତ ବେପାରୀ ଏଥିରେ ସଭାପତିତ୍ୱ କରିଥିଲେ। ୨୩ ନମ୍ବର ଜୋନ ମଣ୍ଡଳ ସଭାପତି ତ୍ରିଲୋଚନ ରାଉତ, ସୀମନ୍ତ ମଣ୍ଡଳ, କମଲେଶ ମଣ୍ଡଳ, ଅଶୋକ ମାନ୍ନା, ନିରାପଦ ଗାଇନ, ବରଜ ବାବୁନି, ଭବତୋଷ, ରମେଶ ସରକାର, ସବ୍ୟସାଚୀ ମହାମଲ୍ଲ, ପୁଣ୍ଡରିକାକ୍ଷ୍ୟ ମିଶ୍ର, ରବୀନ ମଣ୍ଡଳ, ଗୋପାଳ, ଜଗନ୍ନାଥ, ଅମିତ ପଡିହାରୀଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱର୍ କର୍ମୀ ଉପସ୍ଥିତ ରହି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ପାନୀୟଜଳ ପ୍ରକଳ୍ପ ଅଚଳ, ୧୦ ହଜାର ଲୋକ ହନ୍ତସନ୍ତ




**ମାର୍ଶାଘାଇ,୧୮।୪(ସମିସ):** ମାର୍ଶାଘାଇ ଡ଼ାକବଙ୍ଗଳା ଛକ ନିକଟରେ ଥିବା ମାର୍ଶାଘାଇ ପମ୍ପଘର -୨ ଜଳପ୍ରକଳ୍ପ ଅଚଳ ହୋଇ ପଡ଼ିଛି । ଫଳରେ ଏହି ଜଳପ୍ରକଳ୍ପ ଉପରେ ନିର୍ଭରଶୀଳ ଥିବା ପ୍ରାୟ ଦଶହଜାର ଲୋକ ପାନୀୟ ଜଳ ପାଇବାରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମାର୍ଶାଘାଇ ଗ୍ରାମ ପଞ୍ଚାୟତର ତୁଳସୀପୁର, ଗାଁମାର୍ଶାଘାଇ, ବନ୍ଧସାହି, କୁମ୍ଭାରସାହି, ଜେନାସାହି, ଶିବମନ୍ଦିର ନିକଟ ସାହି, ହାଟବାରିକସାହି ସମେତ ମାର୍ଶାଘାଇ ବଜାରର ଲୋକମାନେ ଏହି ଜଳପ୍ରକଳ୍ପ ଉପରେ ନିର୍ଭରଶୀଳ ।ଏଥି ସହିତ ମାର୍ଶାଘାଇ ବଜାରର ପ୍ରାୟ ୩୦୦ ଦୋକାନର କର୍ମଚାରୀମାନେ ଏହି ପ୍ରକଳ୍ପର ସପ୍ଲାଏ ପଏଣ୍ଟରୁ ପାଣି ସଂଗ୍ରହ କରି ବ୍ୟବହାର କରନ୍ତି । ମହାକାଳପଡ଼ାର ବିଭିନ୍ନ ଅଞ୍ଚଳକୁ ଟ୍ରାକ୍ଟର ପାଣି ଟାଙ୍କି ଜରିଆରେ ଏହି ପ୍ରକଳ୍ପରୁ ମଧ୍ୟ ପାଣି ଯୋଗାଇ ଦିଆଯାଇଥାଏ । ପମ୍ପ ମଟର ଖରାପ ହୋଇଯିବାରୁ ଗୁରୁବାର ସକାଳୁ ଏହି ପ୍ରକଳ୍ପରୁ ଜଳ ଯୋଗାଣ ଠପ୍ ହୋଇଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଏହି ଅଞ୍ଚଳରେ ଜଳ ବ୍ୟବହାର ନିମନ୍ତେ ଅନ୍ୟ କୌଣସି ଜଳ ଉତ୍ସ ନାହିଁ। ତେଣୁ ପାଣି ବିନା ଲୋକମାନେ ହନ୍ତସନ୍ତ ହେଉଛନ୍ତି । ଏ ନେଇ ଆରଡବ୍ଲୁଏସଏସ ବିଭାଗ କନିଷ୍ଠ ଯନ୍ତ୍ରୀ, ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯିବାରୁ ସନ୍ଧ୍ୟା ବେଳକୁ ପ୍ରକଳ୍ପ ଠିକ କରାଯାଇ ପାଣି ଯୋଗାଇ ଦିଆଯିବ ବୋଲି କହିଥିଲେ ।ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରାଙ୍କୁ ଯୋଗାଯୋଗ କରାଯିବାରେ ଗୁରୁବାର ରାତି ସୁଦ୍ଧା ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଇ ଜଳାଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି । ତେବେ ଦିନତମାମ ଅଚଳ ପମ୍ପ ହାଉସ ନିକଟରେ ମରାମତି କରିବା ପାଇଁ ମିସ୍ତ୍ରୀ ପହଞ୍ଚି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ଜଳ ପ୍ରକଳ୍ପରୁ ଟ୍ୟାଙ୍କର ଯୋଗେ ପାଣି ଆଣି ଏହି ଅଞ୍ଚଳରେ ଯୋଗେଇ ଦେବାର ବ୍ୟବସ୍ଥା କରିବା ସହିତ ତୁରନ୍ତ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇ ଜଳଯୋଗାଣ ନିୟମିତ କରିବାକୁ ସାଧାରଣରେ ଦାବି ହୋଇଛି ।

## କେନାଲ୍‌ରେ ପାଣି ଛାଡ଼ିବାପାଇଁ ଦାବି କଲା ମାବାପା ସୁରକ୍ଷା ମଞ୍ଚ



**ଡେରାବିଶ,୧୮।୪ (ସମିସ)** : ସ୍ଥାନୀୟ ଅଞ୍ଚଳରେ ଏବେ ପ୍ରଚଣ୍ଡ ରୌଦ୍ର୍ୟ ତାପ ଅନୁଭୂତ ହେଉଛି। ଏଥିସହିତ ଅଞ୍ଚଳରେ ଥିବା ସମସ୍ତ ଗଡ଼ିଆ ପୋଖରୀ ଇତ୍ୟାଦି ଶୁଖି ଠକ୍ ଠକ୍ ହୋଇଗଲାଣି। ପାଣି ଟିକିଏ ପିଇବା ପାଇଁ ଗାଇ, ଗୋରୁ, ଛେଳି, ମେଣ୍ଢା, ଷଣ୍ଢ, ମାଙ୍କଡ଼, କୁକୁର ଓ ଅନ୍ୟ ପଶୁ ପକ୍ଷୀମାନେ ଛଟପଟ ହେଉଛନ୍ତି। ଏହାକୁ ଲକ୍ଷ୍ୟ ସ୍ଥାନୀୟ ଅଞ୍ଚଳରେ ଥିବା କେନ୍ଦ୍ରାପଡ଼ା କେନାଲ୍, ପଟ୍ଟାମୁଣ୍ଡାଇ କେନାଲ୍ ଓ ଖାନନଗର ମାଇନର କେନାଲ୍ ଓ ଏହାର ଶାଖା କେନାଲ୍ ମାନଙ୍କରେ ପାଣି ଯୋଗାଇ ଦେବାକୁ ମାବାପା ସୁରକ୍ଷା ମଞ୍ଚ ପକ୍ଷରୁ ଏହାର ଆବାହକ ବିଧୁଭୂଷଣ ମହାପାତ୍ର, ସଦସ୍ୟ ଉତ୍ତମ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ରାଉତ, ସୁଧୀର ରାଉତ, ରାଧାକାନ୍ତ ମହାନ୍ତି ପ୍ରମୁଖ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ମଦ ଜବତ, ୨ ଗିରଫ



**ପାରାଦୀପ, ୧୮।୪ (ସମିସ):** ପାରାଦୀପ ଅବକାରୀ ଥାନା ପୁଲିସ ଆଜି ସକାଳେ ଦୁଇ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଦୁଇ ଜଣଙ୍କ ମଧ୍ୟରେ ଜଣେ ମହିଳା ଥିବାବେଳେ ଅନ୍ୟ ଜଣେ ପୁରୁଷ ବ୍ୟବସାୟୀ ଅଛନ୍ତି । ଉଭୟ କୁଜଙ୍ଗ ଅଞ୍ଚଳର ବୋଲି ଅବକାରୀ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି ସୂଚନା ଦେଇଛନ୍ତି । ସେମାନେ ହେଲେ ଅଭୟ ନାୟକ (୫୬) ଓ ଶୋମବାରି ସିଂ । ସେମାନଙ୍କଠାରୁ ୮ ଲିଟର ବିଦେଶୀ ମଦ ଜବତ କରିଛି ପୁଲିସ । ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

## ଜଗତସିଂହପୁର ପୁଲିସର ଫ୍ଲାଗମାର୍ଚ୍ଚ



**ଜଗତସିଂହପୁର,୧୮।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ବାଧାଶୂନ୍ୟ ଭାବରେ ପରିଚାଳନା କରିବାକୁ ଜଗତସିଂହପୁର ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ କରାଯାଉଥିବା ଏହି ଫ୍ଲାଗମାର୍ଚ୍ଚର ତୃତୀୟ ଦଫାରେ ମୋଟ ୪ ପ୍ଲାଟୁନ ପୁଲିସ ଫୋର୍ସ ଭାଗ ନେଇଥିଲେ। ସେଥିରେ ଦୁଇପ୍ଲାଟୁନ ସିଆରପିଏଫ ଓ ଦୁଇପ୍ଲାଟୁନ ଏପିଆର ଫୋର୍ସ ଭାଗ ନେଇଥିବା ସୂଚନା ମିଳିଛି । ସାଧାରଣ ଜନତାଙ୍କ ମଧ୍ୟରେ ନିର୍ଭୟରେ ନିଜର ମତ ସାବ୍ୟସ୍ତ କରିବାର ବାତାବରଣ ବା ମତଦାନ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ପୁଲିସ ପ୍ରଶାସନ ପକ୍ଷରୁ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି । ଆଜି ପ୍ରଥମେ ଜଗତସିଂହପୁର ଥାନା ଅଧୀନ ଆଲିପିଙ୍ଗଳରୁ ଏକସୁଧା ଓ ପରେ କୁଳମୁଣ୍ଡିଲୋରୁ ତରିକୁଦ ପର୍ଯ୍ୟନ୍ତ ଏହି ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା ।

## ବ୍ରାଉନସୁଗର ଜବତ, ୩ ଗିରଫ

**ଜଗତସିଂହପୁର,୧୮।୪ (ସମିସ):** ଜଗତସିଂହପୁର ପୁଲିସର ସ୍ୱତନ୍ତ୍ର ଟିମ ପକ୍ଷରୁ ଚଢଉ କରାଯାଇ ଏହି ଥାନା ଅଧିନ ଗୋସିଣା ଗ୍ରାମ ନିକଟରୁ ୬.୯୦ଗ୍ରାମ ବ୍ରାଉନସୁଗର ବୁଧବାର ଜବତ କରାଯାଇଛି । ଏସମ୍ପର୍କରେ ଜଗତସିଂହପୁର ଥାନାରେ ଏକ ମାମଲା ରୁଜୁ କାରଯିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଗତସିଂହପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଆସନ୍ତା ନିର୍ବାଚନ ପୂର୍ବରୁ ଜଗତସିଂହପୁର ଥାନା ଅଞ୍ଚଳରେ ଚାଲିଥିବା ନିଷିଦ୍ଧ ଡ୍ରଗ୍ସ କାରବାରକୁ ପ୍ରତିହତ କରିବାକୁ ଜଗତସିଂହପୁର ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ଏହି ଟିମକୁ ବରାଗୋଳ ପଞ୍ଚାୟତ ଅଧିନ ଗୋସିଣା ଗ୍ରାମ ନିକଟରେ ବ୍ରାଉନସୁଗର କାରବାର ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ବୁଧବାର ଦିନ ୧.୪୦ ସମୟରେ ଘଟଣା ସ୍ଥଳରେ ଚଢଉ କରାଯାଇଥିଲା। ଏହି ପୁଲିସ ଟିମ୍ ସେଠାରୁ ୬.୯୦ ଗ୍ରାମ ଧଳାଜହର ଜବତ କରିବା ସହିତ ନଗଦ ୬ଶହ ଟଙ୍କା , ଗୋଟିଏ ହୋଣ୍ଡା ସ୍କୁଟି ଓ ଦୁଇଟି ମୋବାଇଲ ଫୋନ ଜବତ କରିଥିଲା । ଏଥିରେ ସଂପୃକ୍ତ ଗୋସିଣା ବରାଗୋଳ ଗ୍ରାମର ନିରାକାର ସ୍ୱାଇଁ(୨୦) ,ସିଦ୍ଧାର୍ଥ ସଙ୍କର ସ୍ୱାଇଁ (୨୧), ବିଶ୍ୱଜିତ, ଅନିରୁଦ୍ଧ ସ୍ୱାଇଁ (୨୪) କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳଛି । କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ଯିବାକୁ ପଡିଛି ।

## ବାଲୁଙ୍କେଶ୍ୱରଙ୍କ ପୀଠରେ ସାଧୁସନ୍ଥ ସମ୍ମିଳନୀ

**ବିରିଡ଼ି,୧୮।୪(ସମିସ):** ହାଜିପୁର ଅଞ୍ଚଳର ପ୍ରସିଦ୍ଧ କର୍ମକାଣ୍ଡ ପୂଜକ ତଥା ପାଲାଗାୟକ ପଣ୍ଡିତ ବାଦଲ କୁମାର ମିଶ୍ର ଏକ ନିଆରା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ସେ ନିଜର ବ୍ରାହ୍ମଣ କର୍ମ ବା କର୍ମକାଣ୍ଡ ପୂଜକ ଭାବେ କାର୍ଯ୍ୟ କରିବାର ୫୦ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରରେ ଏକ ସାଧୁସନ୍ଥ ସମିଳନୀ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୦୦୦ରୁ ଉଦ୍ଧ୍ୱର୍ ସାଧୁ, ସନ୍ଥ, ପାଲାଗାୟକ ପୂଜକ ଓ ଅନ୍ୟମାନଙ୍କୁ ନେଇ ସମିଳନୀ କରାଯିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## ଅଗ୍ନି ବିପନ୍ନଙ୍କୁ ବିଜେଡି ସାଂସଦ ପ୍ରାର୍ଥୀ ରାଜଶ୍ରୀଙ୍କ ସହାୟତା



**ତିର୍ତ୍ତୋଲ, ୧୮।୪(ସମିସ):** ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଅସହାୟା ମହିଳା କାଦମ୍ବିନୀ ସେଠୀଙ୍କୁ ବିଜେଡି ସାଂସଦ ପ୍ରାର୍ଥୀ ଡା.ରାଜଶ୍ରୀ ମଲ୍ଲିକ ଭେଟିବା ସହ ସହାୟତା ପ୍ରଦାନ କରିଥିଲେ । ଡା. ମଲ୍ଲିକଙ୍କ ସହ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବେହେରା, ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ, ତପନ ମହାନ୍ତି, ସୁବ୍ରତ ଦାଶ, ସମାଜସେବୀ ଭାସ୍କର ଚନ୍ଦ୍ର ନାୟକ, ଜିତେଶ ଛାଟୋଇ, ସମାଜସେବୀ ଗୟାଧର, ଇଂ ସୁମିତ ଦାସ ଓ ସୂର୍ଯ୍ୟନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାଦମ୍ବିନୀଙ୍କୁ ପଲିଥିନ ଓ ନିତ୍ୟ ବ୍ୟବହାର୍ଯ୍ୟ ଓ ରାସନ ସାମଗ୍ରୀ ପ୍ରଦାନ କରିଥିଲେ ।

### ନିର୍ବାଚନ ସୁପରିଚାଳନା ପାଇଁ ପ୍ରଶାସନ ଓ ରାଜନୈତିକ ଦଳର ବୈଠକ

# ୧୪୧ଟି ମଡେଲ ଓ ୧୩୧ଟି ସଖୀ ବୁଥ୍

**ଜଗତସିଂହପୁର,,୧୮।୪(ସମିସ)**

ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ଓ ରାଜନୈତିକ ଦଳମାନଙ୍କର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଅନୁପମ ସାହା ନିର୍ବାଚନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ନୂତନ ଭାବେ ନିଆଯାଇଥିବା ପଦକ୍ଷେପ ହୋମ ଭୋଟିଂ ବିଷୟରେ ସେ ପାର୍ଟି କର୍ମକର୍ତ୍ତା ମାନଙ୍କୁ ବୁଝାଇଥିଲେ ଏବଂ ଏହି ଭୋଟିଂ ସମୟରେ ମଧ୍ୟ ସମାନ ଆଚରଣ ବିଧିର ନିୟମ ଅନୁସୃତ ହେବ ବୋଲି କହିଥିଲେ ।ଏହାଛଡ଼ା ନିର୍ବାଚନ ପ୍ରଚାର ପାଇଁ ଅନୁମତି ନେବାକୁ ସୁବିଧା ଆପ କୁ ବ୍ୟବହାର କରିବା, ସକ୍ଷମ ଓ ସି ଭିଜିଲ ଆପ୍ ର ବ୍ୟବହାର, ପୋଷ୍ଟାଲ ଭୋଟିଂ, ପୋଲିଂ ବୁଥ୍ ରେ ଆଇନ୍ ଶୃଙ୍ଖଳା, ସି ସି ଟିଭି କ୍ୟାମେରା, ଅକ୍ଜିଲାରୀ ବୁଥ ତଥା ମଡେଲ ବୁଥ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାରେ ୧୪୧ ଟି ମଡେଲ ବୁଥ କରାଯାଇଛି ।ଯେଉଁଥିରେ ୧୩୧ ଟି କେବଳ ମହିଳା ପୋଲିଂ ଅଧିକାରୀଙ୍କୁ ନେଇ ସଖୀ



ବୁଥ, ୨ଟି ପିଡ଼ବ୍ଲ୍ୟୁଡି ବୁଥ ଓ ୮ଟି ଯୁବ ବୁଥ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ପୋଲିଂ ବୁଥ୍ ଗୁଡିକ ପାଇଁ ପୋଲିଂ ଏଜେଣ୍ଟ ବାଛିବା କାମଟିକୁ ସମୟ ପୂର୍ବରୁ କରିବା ପାଇଁ ଜିଲ୍ଲାପାଳ ଦଳୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍ ବୈଠକରେ ଯୋଗଦେଇ ନିର୍ବାଚନ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଥିଲେ। ଜନପ୍ରତିନିଧି ଭାବରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ସେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପ୍ରଚାର ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବାଣ ଫୁଟାଇବା ଓ ଏହାର ସୁରକ୍ଷିତ ରଖିବା ବିଷୟରେ ସତର୍କତା ଅବଲମ୍ବନ କରିବାକୁ କହିଥିଲେ। ବୈଠକରେ ପୋଲିଂ ଦିନ, ଏହାର ପୂର୍ବ ବ୍ୟବସ୍ଥା, ବୁଥ୍ ଗୁଡିକରେ ଆବଶ୍ୟକୀୟ ସୁବିଧାସୁଯୋଗ, ଗ୍ରୀଷ୍ମ ପ୍ରବାହ ରୁ ସୁରକ୍ଷା ନିମନ୍ତେ ପ୍ରାଥମିକ ବ୍ୟବସ୍ଥା ଆଦି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ରାଉତ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଉପ ଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଡେପୁଟି କଲେକ୍ଟର ନିର୍ବାଚନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରି ସେମାନଙ୍କର ସନ୍ଦେହ ଦୂର କରିଥିଲେ।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ



**ବାଲିକୁଦା,୧୮।୪(ସମିସ):**ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ବିଜେଡି ଯୁବ ନେତା ସଞ୍ଜିବ ଏସ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀମାନଙ୍କୁ ନେଇ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ଈଶ୍ୱରପୁରସ୍ଥିତ ଦଳୀୟ କାର୍ଯ୍ୟାଳୟଠାରୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ବାହାରି ତିହୁଡି ବଜାରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବକ୍ତାମାନେ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ ।ଶ୍ରୀ ବିଶ୍ୱାଳ ବିଜୁ ବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳର ଜଣେ ସକ୍ରିୟ କର୍ମୀ ହିସାବରେ ନିର୍ବାଚନ ମଣ୍ଡଳୀର ସେବା ପାଇଁ ନିଜକୁ ସମର୍ପିତ କରିଥିବା ପ୍ରକାଶ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି,ପୂର୍ବତନ ସରପଞ୍ଚ ହେମନ୍ତ କୁମାର ସେଠୀ, ନବକିଶୋର ଜେନା, ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ,ଦେବେନ୍ଦ୍ର ନାଥ ଭୋଳ,ସ୍ୱାଇଁ ଙ୍କ ସମେତ ଅନେକ ସରପଞ୍ଚ ଓ ପୂର୍ବତନ ସରପଞ୍ଚ ,ପୂର୍ବତନ ସମିତିସଭ୍ୟ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବିଜୁ ବାବୁ ଅମର ରହେ ନାରା ଦେବା ସହ ବିଜୁ ବାବୁଙ୍କ ନୀତିକୁ ଅବଲମ୍ବନ କରିବା ପାଇଁ ଶପଥ ନେଇଥିଲେ ।



## ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ଓ ରାମଚରିତ ମାନସ ପାରାୟଣ ପାଳିତ





**ତିର୍ତ୍ତୋଲ,୧୮।୪(ସମିସ):** ତିର୍ତ୍ତୋଲସ୍ଥ ବେଲମଣ ମହାପୁରୁଷ ପୀଠସ୍ଥ ଶ୍ରୀରାମ ମନ୍ଦିରରେ ଶ୍ରୀରାମ ନବମୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମନ୍ଦିର ପରିସରରେ ଦିବସ ବ୍ୟାପୀ ପୂଜାର୍ଚ୍ଚନା କରାଯିବା ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ପଣ୍ଡିତ ବଟକୃଷ୍ଣ ଦାଶ(ଦିଲୁ ନନା) ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ବାବା ଶ୍ୟାମସୁନ୍ଦର ଦାସ ଓ ତିର୍ତ୍ତୋଲ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

**ତିର୍ତ୍ତୋଲ:** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଶ୍ରୀରାମ ମନ୍ଦିର ପରିସରରେ ଆଜି ସନ୍ଧ୍ୟାରେ ଶ୍ରୀରାମଚରିତ ମାନସ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ସାଂସଦ ପ୍ରାର୍ଥୀ ଡା.ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ କୁମାର ବେହେରା ଯୋଗଦେଇଥିଲେ। ଶ୍ରୀରାମ ପୂଜା କମିଟି ସଭାପତି ଭାସ୍କର ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଶ୍ରୀରାମଚରିତ ମାନସ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀର ପ୍ରବଚକ ସ୍ୱାମୀ ଲଛମନ ଦାସ ମହାରାଜ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀରାମଙ୍କ ଉପରେ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



**ପାରାଦୀପ:** ଆଜି ପବିତ୍ର ରାମ ନବମୀ ଅବସରରେ ବନ୍ଦର ସହର ସମେତ ଆଖପାଖ ଅଞ୍ଚଳରେ ବହୁ ଆଡମ୍ବରରେ ରାମ ନବମୀ ପାଳିତ ହୋଇ ଯାଇଛି। ଗତକାଲି ଅପରାହ୍ଣରେ ବଜରଙ୍ଗ ଦଳ ପକ୍ଷରୁ ନେହୁର ବଙ୍ଗଳାଠାରୁ ଏକ ବିରାଟ ଶୋଭାଯାତ୍ରା ବାହରି ସହର ପରିକ୍ରମା କରି ସମୁଦ୍ରକୂଳ ହନୁମାନ ମନ୍ଦିର ନିକଟରେ ଶେଷ ହୋଇଥିଲା ।ସେହିପରି ପାରାଦୀପ ଉପକଣ୍ଠ ବିଶ୍ୱାଳୀ ପଞ୍ଚାୟତ କୋଲଡିଆ ଗ୍ରାମବାସୀ ଭୂତମୁଣ୍ଡାଇସ୍ଥିତ ମହାନଦୀରୁ ଏକ ବିରାଟ କଳସ ଶୋଭାଯାତ୍ରାରେ ଆସି କୋଲଡିଆ ଗ୍ରାମ ମହାପ୍ରଭୁ ଶ୍ରୀରାମ ମନ୍ଦିର ନିକଟରେ ପହଞ୍ଚିଥିଲେ। ପବିତ୍ର ରାମନବମୀ ତିଥି ହୋଇ ଥିବାରୁ ଏହି କାର୍ଯ୍ୟକ୍ରମରେ ପ୍ରଭୁ ଶ୍ରୀ ରାମଙ୍କ ପତାକା ଧରି ଜୟ ଶ୍ରୀରାମର ଧ୍ୱନି ରୋଚକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଶୋଭାଯାତ୍ରାରେ ଗ୍ରାମର ଯୁବକ,ଯୁବତୀ, ବୃଦ୍ଧବୃଦ୍ଧା ମାନେ ସାମିଲ ହୋଇଥିବା ବେଳେ ଗ୍ରାମର ଯୁବଗୋଷ୍ଠୀମାନେ ଏଥିରେ ସହଯୋଗ କରିଥିଲେ। ପବିତ୍ର ରାମନବମୀ ଉପଲକ୍ଷେ କୋଲଡିଆ ଗ୍ରାମ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଦୀର୍ଘ ୨୫ବର୍ଷ ଧରି କୋଲଡିଆ ଗ୍ରାମରେ ରାମନବମୀକୁ ମହା ଆଡମ୍ବରରେ ପାଳିତ ହୋଇ ଆସୁଛି ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ଶାରଳା ମନ୍ଦିର, ସମୁଦ୍ରକୂଳ ହନୁମାନ ମନ୍ଦିର ପରିସରରେ ରାମ ନବମୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା।

### ମହିଳାଙ୍କ ଉପରେ ଲୁଟେରାଙ୍କ ନଜର

## କଳା ପଲସରରେ ଆସି ଝିଙ୍କି ନେଉଛନ୍ତି

**ପାରାଦୀପ,୧୮।୪(ସମିସ):**ବନ୍ଦର ସହର ପାରାଦୀପରେ ଏବେ ସୁନା ଲୁଟେରାଙ୍କ ଆତଙ୍କ ବୃଦ୍ଧି ପାଇଛି ।ତେଣୁ ସୁନା ପିନ୍ଧି ବୁଲୁଥିବା ଲୋକେ ସତର୍କ ରୁହନ୍ତୁ ।ନହେଲେ ଲୁଟେରାଙ୍କ ହାବୁଡ଼ରେ ପଡିଲେ ବର୍ତ୍ତିବା ମୁସ୍କିଲ। କଳା ପଲସରରେ ଦୁଇ ଜଣିଆ ଟିମ ସହର ସମେତ ଆଖପାଖ ଅଞ୍ଚଳରେ ଘୁରି ବୁଲୁଥିବାର ଲୋକଙ୍କ ନଜରକୁ ଆସିଛି ।ଗତ ସପ୍ତାହରେ ଆଦର୍ଶ ଥାନା ପୁଲିସ ଲୁଟେରାଙ୍କୁ ଧରି ପାରିନଥିଲେ ମଧ୍ୟ ସୁନା ଅଳଙ୍କାରକୁ ଉଦ୍ଧାର କରିଥିଲେ ।ତା ପୂର୍ବରୁ ଅଠରବାଙ୍କୀରୁ ଜଣେ ବ୍ୟକ୍ତିଙ୍କଠାରୁ ଏକ ସୁନା ହାର ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ତାକୁ ଛଡାଇ ନେଇ ପଳାଇଥିଲେ ଲୁଟେରା ।ପୁଣି ମଧୁବନ ଜଗନ୍ନାଥ ମନ୍ଦିର ନିକଟରୁ ଜଣେ ଲୋକଙ୍କୁ ଅନୁସରଣ କରି କୁଟେରା ଲୁଟ କରିବାରେ ସଫଳ ହୋଇ ନ ପାରି ଫେରିଯିବା ଭଳି ଘଟଣା ଏବେ ସହରରେ ଆତଙ୍କ ଖେଳାଇ ଦେଇଛି ।ରାସ୍ତା ଘାଟରୁ ଲୋକଙ୍କ ଠାରୁ ଲୁଟ କରିବା ପରେ ସେମାନେ ଟାର୍ଗେଟ କରିଛନ୍ତି ଲୋକ ନ ଥିବା କ୍ୱାର୍ଟର୍ସ ଉପରେ। ଦିନରେ ସହରରେ ଘୁରିବୁଲି ଠାବ କରିବା ପରେ ବିଳମ୍ବିତ ରାତିରେ ଲୁଟପାଟ କରୁଛନ୍ତି ।କବାଟ ଝରକା ତାଡିବା ସହିତ ଗ୍ରୀଲ କାଟିବାକୁ ପଛାଉ ନାହାନ୍ତି ।ଏଭଳି ଲୁଟେରା ଏବେ ପାରାଦୀପ ସହର ସମେତ ତାରିଣୀଗଡା, ଉଦୟ ବିହାର, ପାରାଦୀପଗଡ ଓ ଏହାର ଆଖପାଖ ଅଞ୍ଚଳରେ ମଧ ସକ୍ରିୟ ହୋଇଥିବା ନଜରକୁ ଆସିଛି ।ସୁନା ଗହଣା ସାମଗ୍ରୀ ସହିତ ଟଙ୍କାକୁ କୁଟି ନେଉଛନ୍ତି। ପାରାଦୀପ ସହରରେ ଥିବା କ୍ୱାର୍ଟର୍ସମାନଙ୍କରୁ ଏଭଳି ଲଗାତର ଚୋରି ପଛରେ ଏହି ଗ୍ୟାଙ୍ଗର ହାତ ଥିବା ସନ୍ଦେହ କରାଯାଉଛି ।କେଉଁଠି ଲିଫ୍ଟ ଦେବା ବାହାନାରେ ତ କେଉଁଠି ବ୍ୟାଙ୍କରୁ ଟଙ୍କା ଉଠାଇ ଗଲାବେଳେ ରାସ୍ତାରୁ ଟଙ୍କା ଓ ସୁନା ଝାମ୍ପି ନେବା ଭଳି ଘଟଣା ସାମ୍ନାକୁ ଆସୁଛି। ବିଳମ୍ବିତ ରାତିରେ ନିଛାଟିଆ ରାସ୍ତାରେ ମାରଣାସ୍ତ୍ର ଦେଖାଇ ମଧ ଲୁଟ କରିବାକୁ ପଛାଉ ନାହାନ୍ତି । ତେବେ ଅଭିଯୋଗ ନେଇ ପୁଲିସ ନିକଟରେ ପହଞ୍ଚିଲା ବେଳକୁ ଲୁଟେରା କେଉଁଆଡ଼େ ପାର ହୋଇଯାଉଛି ।ତେବେ ଏହି ଲୁଟେରାଙ୍କ ଉପରେ ନଜର ରଖିବାକୁ ସାଧାରଣରେ ଦାବି ହେଉଛି ।ରାତି ପାଟ୍ରୋଲିଂକୁ କଡାକଡି କରିବା ସହିତ ସହରର ମୁଖ୍ୟ ଛକ ଓ କଲୋନୀମାନଙ୍କରେ ପୁଲିସକୁ ରାତି ଡ୍ୟୁଟିରେ ନିଯୁକ୍ତି ଦେବାକୁ ଅନ୍ତେବାସୀ ଦାବି ଜଣାଇଛନ୍ତି ।

## ବିଜେପି ସାଂସଦ ପ୍ରାର୍ଥୀଙ୍କୁ ଠେଲାପେଲା

ଜଗତସିଂହପୁର,୧୮।୪ (ସମିସ): ଟିକେଟ କଟିବା ନେଇ ବିଜେପିରେ ଅସନ୍ତୋଷ ତୀବ୍ର ଆକାର ଧାରଣ କରିଛି। ଗୁରୁବାର ଜଗତସିଂହପୁରଠାରେ ଅନୁଷ୍ଠିତ ସଂଘ ବୈଠକରେ ଏହାର ପାଶ୍ୱର୍ ପ୍ରତିକ୍ରିୟା ଦେଖିବାକୁ ମିଳିଛି । ଏହି ବୈଠକରେ ଯୋଗଦେବାକୁ ଆସିଥିବା ଜଗତସିଂହପୁର ବିଜେପିର ସାଂସଦ ପ୍ରାର୍ଥୀ ବିଭୁ ତରାଇଙ୍କୁ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସମର୍ଥକ ଠେଲା ପେଲା କରିବା ସହିତ ଗଣ୍ଡଗୋଳ କରିଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଶ୍ରୀ ତରାଇଙ୍କୁ ପଚାରିବାରୁ ସେ କହନ୍ତି , ଅମରେନ୍ଦ୍ରଙ୍କୁ ଜଗତସିଂହପୁର ବିଧାନସଭା ପାଇଁ ଟିକେଟ ଦେବାରେ ମୋର କୌଣସି ଭୂମିକା ନାହିଁ। ସତ୍ୟବ୍ରତଙ୍କଠାରୁ ଅମରେନ୍ଦ୍ର ଭଲ କରିବା ସମ୍ପର୍କରେ ଦଳ ଅନୁଭବ କରି ଅମରେନ୍ଦ୍ରଙ୍କୁ ଟିକେଟ ଦେଇଛି। ତେବେ ସାଂସଦ ପ୍ରାର୍ଥୀ ଜିଦ୍ ଧରିଥିଲେ ଏହି ଟିକେଟ ସତ୍ୟବ୍ରତଙ୍କୁ ମିଳିଥାନ୍ତା ବୋଲି ସତ୍ୟବ୍ରତ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଭୂଲ ଧରଣା ରହିଛି । ଏଥିପାଇଁ ଏକ ଛୋଟ ଧରଣର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲା ବୋଲି ସେ ପ୍ରକାଶ କରିଛନ୍ତି।

## ମହାମହିମା ଉଚ୍ଚବିଦ୍ୟାଳୟ ପକ୍ଷରୁ ଜଳଛତ୍ର କେନ୍ଦ୍ର

**ବାଲିକୁଦା,୧୮।୪(ସମିସ):** ବାଲିକୁଦା ବ୍ଲକ ମରିଚପୁର ପଞ୍ଚାୟତ ଧନୁହର ବେଲାରୀ ମହାମହିମା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ମା' ବନ୍ଦରେଇଙ୍କ ପୀଠରେ ଜଳ ବିତରଣ କରାଯାଇଛି । ମା' ବନ୍ଦରେଇଙ୍କ ପୀଠରେ ଭକ୍ତମାନଙ୍କ ସୁବିଧା ପାଇଁ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଏହି ଜଳ ବିତରଣ ଷ୍ଟଲ ଖୋଲିଥିଲେ। ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବାରିକ, ଶିକ୍ଷକ ପ୍ରାଣନାଥ ମିଶ୍ର, ସୁରେନ୍ଦ୍ର ସ୍ୱାଇଁ, ଅଜୟ କୁମାର ଶତପଥୀ, ଗୀତାଞ୍ଜଳି ଖଟୁଆ, ସୁନାକର ରାଉତ ଓ କର୍ମଚାରୀ ଦିଲ୍ଲୀପ ସ୍ୱାଇଁ ଉପସ୍ଥିତ ରହି ସହଯୋଗ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ତରଫରୁ ଶୁଭମ ନାୟକ, ସୂର୍ଯ୍ୟକାନ୍ତ ବେହେରା, ବିଶ୍ୱଜିତ ବିଶ୍ୱାଳ, ଅଭିଜିତ ସ୍ୱାଇଁ, ବୁଦ୍ଧେଶ୍ୱର ସ୍ୱାଇଁ ,ସ୍ୱରାଜ ସ୍ୱାଇଁ, ଅବିନାଶ ମହାନ୍ତି, ବିଶ୍ୱଜିତ ଜେନା,ତୃପ୍ତିରେଖା ପଲେଇ, ସୋନାଲି ବିଶ୍ୱାଳ, ସୋନାମ ବିଶ୍ୱାଳ, ଅର୍ପିତା ବିଶ୍ୱାଳ, ଅଭିଜିତ ବିଶ୍ୱାଳ ଓ ଓମ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାରତମାଳା ପ୍ରୋଜେକ୍ଟକୁ ବିରୋଧ କରି ହସିଲଦାରଙ୍କୁ ଦାବିପତ୍ର

**ବିରିଡି,୧୮।୪(ସମିସ)**

କନ୍ଦରପୁର ପାରାଦୀପ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଭାରତ ମାଳା ପ୍ରୋଜେକ୍ଟ ବା ଜାତୀୟ ରାଜପଥ ନିର୍ମାଣ ହେଲେ ହଜାର ହଜାର ସଂଖ୍ୟାରେ ଚାଷୀ ନିଜର ଚାଷଜମି ସାଙ୍ଗକୁ ଘରବାଡ଼ି ହରାଇବେ । ଯାହାକୁ ବିରିଡି ତହସିଲ ଅଧୀନ ଶାଳିଜଙ୍ଗ, କଳନ୍ତିରା, ଅଲାଣ୍ଡୋ, ମାଣତ୍ରୀ, ଆରଙ୍ଗାବାଦ, ନୂଆଡଣା, ତଳପାଟକ, ବାରହାପୁର, ପଦାସାହି, ମଞ୍ଜୁରାଇ, ଆମ୍ଭୁଲ ସାହି, ଅଡଙ୍ଗ ଗଡ଼, ଶଙ୍କରପୁର, ଶିବପୁର ର ଶହଶହ ଚାଷୀ ଗତ ୨୨ମସିହାଠାରୁ ବିରୋଧ କରିଆସୁଛନ୍ତି ।ଏମିତିକି ଚାଷୀମାନେ ଅନେକ ସମୟରେ ତହସିଲଦାର, ଜିଲ୍ଲାପାଳଙ୍କୁ ନିଜର ଆଭିମୁଖ୍ୟ ଜଣାଇ ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନଥିବା ପରିତାପର ବିଷୟ ପାଲଟିଛି । ଅନ୍ୟପଟେ ଚାଷୀ ନିଜର ଚାଷଜମି ଓ ଘରବାଡ଼ି ଜମି ଭାରତ ମାଳା ପ୍ରୋଜେକ୍ଟ କବଳରୁ ବଞ୍ଚାଇବାକୁ ସଂଘର୍ଷ ଜାରି ରଖିଥିବା ବେଳେ ସେପଟେ କିନ୍ତୁ ଜମି ମାପଚୁପ କରିବା, ସୀମାନିର୍ଦ୍ଧାରଣ କରିବା କାର୍ଯ୍ୟକ୍ରମ ରୋକାଯାଉଥିବାରୁ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି ।ଏହି ମର୍ମରେ ଆଜି ଉପରୋକ୍ତ ଅଞ୍ଚଳର ଶତାଧିକ ଚାଷୀ ତହସିଲଦାର ସଞ୍ଜୟ କୁମାର ବେହେରାଙ୍କୁ ଭେଟି ପୁନର୍ବାର ଉକ୍ତ ପ୍ରୋଜେକ୍ଟକୁ ବିରୋଧ କରି ବା କାମକୁ ବନ୍ଦ ରଖିବାକୁ ଦାବି କରି ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ତ୍ରୈଲୋକ୍ୟ ଜେନା, ଗୁରୁଚରଣ ବାରିକ, ରଶ୍ମିରଞ୍ଜନ ପରିଜା, ନାରାୟଣ ଭୋଳ, ପ୍ରୀତି ରଞ୍ଜନ ପରିଜା, ଏସ କେ ରାଜା, ସଲାମତ ଅଲ୍ଲୀ ଖାଁ, ସୁନୀଲ ଖଟେଇ, ସୁଦାମ ଖଟେଇ,ବିଷ୍ଣୁ ଚରଣ ଦଳେଇ, ପ୍ରକାଶ ବେହେରା, ଅନନ୍ତ ପ୍ରସାଦ ଉତ୍ତରାୟ, ସନାତନ ପଟନାୟକ, ଶରତ କୁମାର ମିଶ୍ର, ଅବଧୂତ ଓଝା, ହେମନ୍ତ ବାରିକ ଓ ଅନ୍ୟମାନେ ସାମିଲ ହୋଇଥିଲେ ।



## ରାମନବମୀ ପୂଜା

**ବିରିଡ଼ି,୧୮।୪(ସମିସ):** ପବିତ୍ର ରାମନବମୀ ପୂଜା ଅବସରରେ ୨୨ମୌଜା ପୁରଣ ହାଟରେ ଥିବା ପ୍ରଭୁ ଶ୍ରୀ ରାମ ମନ୍ଦିରରେ ପୂଜା କମିଟିର ସଭାପତି ସମରେନ୍ଦ୍ର ଆଚାର୍ଯ୍ୟ ଙ୍କ ତତ୍ତ୍ୱବଧାନରେ ଏବଂ ସମସ୍ତ ସଭ୍ୟଙ୍କ ସହଯୋଗରେ ମହାସମାରୋହରେ ରାମନବମୀ ପୂଜା କାର୍ଯ୍ୟ କରାଯାଇଥିଲା। ଏହି ପୂଜା ଦୀର୍ଘ ୧୨ ଦିନ ବ୍ୟାପୀ ଚାଲିବ। ଆଜିସନ୍ଧ୍ୟାରେ ଏହି ପୂଜାରେ ମୁଖ୍ୟ ଅତିଥିଭାବେ ମାନବାଧିକାର କମିଶନରଙ୍କ ବରିଷ୍ଠ ସଭ୍ୟ ଅସୀମ ଅମିତାଭ ଦାଶ, ଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ ଯୋଗଦେଇଥିଲେ ।ସେହିପରି ବିଜେଡି ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ, ଯୁବସଂଗଠକ ଦେବୀପ୍ରସାଦ ତ୍ରିପାଠୀ, ଚନ୍ଦ୍ରଶେଖର ଦାଶ, ଯୁଧିଷ୍ଠିର ବେହେରା, ଅରୁଣ କୁମାର ଦାସ, ପ୍ରବୋଧ କୁମାର ତ୍ରିପାଠୀ, ସୁକାନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ । ତପନ ଆଚାର୍ଯ୍ୟ, ଦୀପକ ଆଚାର୍ଯ୍ୟ, ଅଶ୍ରୁମୋଚନ ଆଚାର୍ଯ୍ୟ, ଛତ୍ରପତି, ଶଙ୍କର୍ଷଣ ଓଝା, ଅଭିମନ୍ୟୁ ସାହୁ, ପ୍ରଭାକର ପ୍ରଧାନ, ପିତାମ୍ବର ଦାଶ, ସନାତନ ସାହୁ, ଅଶୋକ ତ୍ରିପାଠୀ, ଲିପିକା ପାଢ଼ୀ, ସନ୍ତୋଷ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## କୁଜଙ୍ଗ ଶିଶୁ ମନ୍ଦିରରେ ମକ୍‌ଡ୍ରିଲ୍

**କୁଜଙ୍ଗ, ୧୮।୪(ସମିସ):** କୁଜଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଗ୍ନିଶମ ସପ୍ତାହ ପାଳନ ଅବସରରେ ଏକ ସଚେତନତା ଶିବିର ଓ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରଜନୀକାନ୍ତ ଦାସଙ୍କ ସଭାପତିତ୍ୱରେ କୁଜଙ୍ଗ ଅଗ୍ନିଶମ ଅଧିକାରୀ କାର୍ତ୍ତିକ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରାକୃତିକ ଦୁର୍ବିପାକର ସଂଜ୍ଞା, ଏହାର କାରଣ, କ୍ଷତି କମ୍ କରିବାକୁ ହେଲେ ସଚେତନତା ସହ ପ୍ରସ୍ତୁତି ଓ ସତର୍କତା ଜରୁରି ବୋଲି କହିଥିଲେ। ଏ ଅବସରରେ ଆଗ୍ନିକ ରବୀନ୍ଦ୍ର ନାୟକ, ପ୍ରସାଦ ଭୋଳ, ବିକାଶ ପାଢ଼ୀ, ମଣ୍ଟୁ ମଳିକ ପ୍ରମୁଖ ଅଗ୍ନିକାଣ୍ଡର ବିଭିନ୍ନ ଦିଗ, ଏହାର ନିରାକରଣ ନେଇ ସଚେତନ କରିବା ସହ ଘରେ ଗ୍ୟାସ୍ ସିଲିଣ୍ଡରରେ ଅଗ୍ନିକାଣ୍ଡ ହେଲେ ଉଦ୍ଧାର କୌଶଳ ଓ ନିଆଁଲିଭା କୌଶଳ ପ୍ରଦର୍ଶନ କରିଥିଲେ। ଏ ଅବସରରେ କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉପସଭାପତି ଅଭୟ କୁମାର ମହାରଣ, ସମ୍ପାଦକ କରୁଣାକର ସାହୁ, ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ଏଥିରେ ସମସ୍ତ ବାଳକ ଓ ବାଳିକାମାନେ ଭାଗନେଇ ଅଗ୍ନି ନିର୍ବାପନର କୌଶଳ ଶିଖିବା ସହ ଏହାର ପ୍ରଦର୍ଶନ କରିଥିଲେ।

## ସତ୍ୟସାଇ ଜ୍ଞାନ ବିକାଶ ପକ୍ଷରୁ ଜଳଛତ୍ର




**କୁଜଙ୍ଗ, ୧୮।୪(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳସ୍ଥ ଶ୍ରୀସତ୍ୟସାଇ ଜ୍ଞାନବିକାଶ ସ୍କୁଲ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ପବିତ୍ର ରାମ ନବମୀରେ ସେବା କାର୍ଯ୍ୟ ସ୍ୱରୁପ ଜଳଛତ୍ର ଆରମ୍ଭ କରାଯାଇଛି। କଟକ-ପାରାଦୀପ ରାସ୍ତାର ପଙ୍କପାଳ ବଜାର ଛକ ନିକଟରେ ବିଦ୍ୟାଳୟର ସର୍ବ ବରିଷ୍ଠ ଗୁରୁମା ଲିଲିମା ମହାପାତ୍ରଙ୍କ ପୌରୋହିତ୍ୟରେ ବିଦ୍ୟାଳୟର ପ୍ରମୁଖ ପ୍ରତିଷ୍ଠାତା ସଦସ୍ୟ ପ୍ରାଣକୃଷ୍ଣ ଜେନା ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଜଳଛତ୍ରରେ ଥଣ୍ଡା ଦହି ସରବତ ସାଧାରଣ ପଥଚାରୀଙ୍କୁ ଗୁରୁଜୀ ଗୁରୁମା ବଣ୍ଟନ କରିଥିଲେ। ଧରିତ୍ରୀ ମହାପାତ୍ର, ଶୁଭ୍ରକାନ୍ତୀ ଗୁରୁ, ଧନଞ୍ଜୟ ଜେନା, ସୁଶାନ୍ତ କୁମାର ମଲ୍ଲ, ବିଶ୍ୱଜିତ ସ୍ୱାଇଁ, ଅଞ୍ଜନା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଏହି ସେବା କାର୍ଯ୍ୟକୁ ପରିଚାଳନା ସମିତି ସଭାପତି ଗଗନ ବିହାରୀ ପୃଷ୍ଟି, ବାବାଜୀ ଚରଣ ପୃଷ୍ଟି ଓ ସତ୍ୟସାଇ ସେବା ସମିତିର ଜିଲ୍ଲା ସଭାପତି ଆଇନଜୀବୀ ଦାମୋଦର ସ୍ୱାଇଁ ପ୍ରଶଂସା କରିଛନ୍ତି।

## ଶକ୍ତି ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ର



**ଜଗତସିଂହପୁର, ୧୮।୪(ସମିସ):** ସମଙ୍ଗର ବାଜ୍ରସେହ୍ନା ସରକାରୀ ଉଚ୍ଚ ବିଦ୍ୟାଳୟ ଶକ୍ତି କ୍ଲବ ଆନୁକୂଲ୍ୟରେ ସ୍ୱଳ୍ପ କାର୍ବନ ଜୀବନଶୈଳୀ ସହିତ ଶକ୍ତିର କାର୍ଯ୍ୟଦକ୍ଷତା ବୃଦ୍ଧି ଓ ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୁତିକୀର୍ତ୍ତି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଦୁର୍ଗେଶ ନନ୍ଦିନୀ ଚୌଧୁରୀ ଓ ବିଜ୍ଞାନ ଶିକ୍ଷକ ସମୀର ରଞ୍ଜନ ମହାପାତ୍ର, ଆଲୋଚକ ଭାବେ ଉତ୍କଳ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ବୈଦ୍ୟୁତିକ ଉପକରଣ ବ୍ୟବହାର ସମୟରେ ଅଧିକ ତାରକା ବିଶିଷ୍ଟ ଓ ସ୍ୱଳ୍ପ କାର୍ବନ ନିର୍ଗତ ହେବାପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ସାଙ୍ଗକୁ ଶକ୍ତିର କାର୍ଯ୍ୟଦକ୍ଷତା ବୃଦ୍ଧି ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ସୁଚିସ୍ମିତା ଦାସ, ସୁଭାସିନୀ ସ୍ୱାଇଁ, ସୁରେଶ ଚନ୍ଦ୍ର ପରିଜା, ଦେବଶ୍ରୀ ରଥ ପ୍ରମୁଖ ସହଯୋଗ କରିଥିଲେ।

### ୧ ନମ୍ବର ବନ୍ଦରରେ ପ୍ରଦୂଷଣ ମାତ୍ରା ସର୍ବାଧିକ

# ଲାଭାଂଶ ଖାଉଛି କେନ୍ଦ୍ର ସରକାର; ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ଲୋକେ

ପାରାଦୀପ, ୧୮।୪ (ସମିସ)



ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ପଣ୍ୟ କାରବାରରେ ଦେଶର ଏକ ନମ୍ବର ବନ୍ଦରର ମାନ୍ୟତା ପାଇଛି। ଗୁଜୁରାଟର କାଣ୍ଡଲା ବନ୍ଦରକୁ ପଛରେ ପକାଇ ଦୀର୍ଘ ୫୬ ବର୍ଷ ପରେ ଏହି ଗୌରବ ଅର୍ଜନ କରିଛି।ଗତ ଆର୍ଥିକ ବର୍ଷଠାରୁ ଶତକଡା ୨୦ ପ୍ରତିଶତ ଅଧିକ ଲାଭ କରିଛି।ତେବେ ଗଛରେ ବେଲ ପାଚିଲେ କାଉର କି ଯାଏ ନ୍ୟାୟରେ ପାରାଦୀପ ବନ୍ଦରର ଏହି ଗୌରବରେ ସ୍ଥାନୀୟ ଲୋକେ ଖୁସି ନାହାନ୍ତି।ବାର୍ଷିକ ୧୦୨୦ କୋଟି ଟଙ୍କା ଲାଭ କରୁଥିବା ବନ୍ଦର କର୍ତ୍ତୃପକ୍ଷ ପାରାଦୀପ ବନ୍ଦରାଞ୍ଚଳରେ ସର୍ବନିମ୍ନ ବିକାଶ କରି ନାହାନ୍ତି।ବନ୍ଦରାଞ୍ଚଳରେ ରହୁଥିବା ଲୋକଙ୍କୁ ମୌଳିକ ସୁବିଧା ଦିଆଯାଇ ନାହିଁ।ତେବେ ଏ ଲାଭ କାହା ସ୍ୱାର୍ଥରେ କେଉଁଠି ବିନିଯୋଗ ହେଉଛି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ୱାସ୍ଥ୍ୟ ସେବା ଓ ଶିକ୍ଷାରେ ସେଭଳି କିଛି ଅଗ୍ରଗତି ଘଟି ନାହିଁ। ସେହିଭଳି ଲାଭାଂଶ ଯେତିକି ବଢୁଛି ପ୍ରଦୂଷଣର ମାତ୍ରା ସେହି ଅନୁପାତରେ ବଢ଼ି ଚାଲିଛି।ଏହାର ନିୟନ୍ତ୍ରଣ ପାଇଁ ବନ୍ଦର କର୍ତ୍ତୃପକ୍ଷ ସେଭଳି କିଛି ଠୋସ ପଦକ୍ଷେପ ନେଉ ନାହାନ୍ତି।ଅନ୍ୟ ପକ୍ଷରେ ଲୋକଙ୍କର ସର୍ବନିମ୍ନ ମୌଳିକ ଆବଶ୍ୟକତା ରାସ୍ତାଘାଟ ଓ ପାନୀୟ ଜଳ ବି ଲୋକଙ୍କୁ ସଠିକ ଭାବରେ ମିଳୁ ନାହିଁ।ଏବେବି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁ ନାହିଁ।

ପାରାଦୀପ ବନ୍ଦରକୁ ୧ ନମ୍ବର ବନ୍ଦରର ମାନ୍ୟତା ମିଳିଛି, ମାତ୍ର ସିଏସଆର (କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧ) ନିର୍ବାହ କରୁ ନାହିଁ।ନିୟମ ଅନୁସାରେ ବନ୍ଦର କର୍ତ୍ତୃପକ୍ଷ ନିଜ ଲାଭାଂଶର, ୦ ରୁ ୨ ପ୍ରତିଶତ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଖର୍ଚ୍ଚ କରିବା କଥା। ସେହି ହିସାବକୁ ବିଚାର କଲେ ପାରାଦୀପ ବନ୍ଦରର ଲାଭାଂଶର ୨୦ କୋଟି ଟଙ୍କା ଏହି ବନ୍ଦରରେ ଖର୍ଚ୍ଚ କରିବା କଥା, ମାତ୍ର ବର୍ଷ ବର୍ଷ ଧରି ଏ ବାବଦର ଅର୍ଥ ହରିଲୁଟ କରାଯାଉଛି। ପାରାଦୀପ ର ବିକାଶ କରିବା ବଦଳରେ ଏହି ସିଏସଆର ପାଣ୍ଠିକୁ ମିଥ୍ୟା ବିଲ କରି ଅନ୍ୟତ୍ର ଖର୍ଚ୍ଚ କରାଯାଉଥିବାର ଅଭିଯୋଗ ହୋଇଛି।ପାରାଦୀପ ବନ୍ଦର ର ପ୍ରଦୂଷଣ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକ ବହୁ ଦୁର୍ଦ୍ଦଶା ର ସମ୍ମୁଖୀନ ହେଉଛନ୍ତି।ଏପରିକି ପାଣି, ପବନ ଓ ମାଟି ସବୁକିଛି ଏହି ବନ୍ଦର ଯୋଗୁଁ ପ୍ରଦୂଷିତ ହୋଇ ଯାଉଛି।ଲୋକଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ଘଟିଛି।ମାତ୍ର ବନ୍ଦର କର୍ତ୍ତୃପକ୍ଷ ପାରାଦୀପ ବନ୍ଦରାଞ୍ଚଳରେ ଏ ପର୍ଯ୍ୟନ୍ତ ଏକ ଭଲ ଅତ୍ୟାଧୁନିକ ମେଡିକାଲ ପ୍ରତିଷ୍ଠା କରି ନାହାନ୍ତି।ସାମାନ୍ୟ ଆଇସିୟୁ ର ସୁବିଧା ପାରାଦୀପ ବନ୍ଦରାଞ୍ଚଳରେ ନଥିବାରୁ ଏଠାରେ ଲୋକଙ୍କର ଅକାରଣ ଜୀବନ ହାନି ଘଟୁଛି।ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇ ପଡ଼ିଛି।ବର୍ଷ ବର୍ଷ ଧରି ବନ୍ଦରାଞ୍ଚଳରେ ଥିବା ମାର୍କେଟ ଗୃହ ଗୁଡିକର ରକ୍ଷଣା ବେକ୍ଷଣ କରାଯାଉ ନାହିଁ।ଦୋକାନୀଙ୍କୁ ସାମାନ୍ୟ ସୁବିଧା ନ ଦେଇ ଭଡା ଦ୍ୱିଗୁଣ ଆଦାୟ କରାଯାଉଛି। ସୁବିଧା ନ ଦେଇ ବନ୍ଦର କର୍ତ୍ତୃପକ୍ଷ କେବଳ ଶୋଷଣ କରିଚାଲିଛନ୍ତି। ବନ୍ଦରରେ ଥିବା ସହ ସହ କ୍ୱାର୍ଟର୍ସ ରକ୍ଷଣା ବେକ୍ଷଣ ଅଭାବରୁ ଅସୁରକ୍ଷିତ ହୋଇ ପଡ଼ିଥିଲେ ମଧ୍ୟ ଏହାର ମରାମତି କରାଯାଉ ନାହିଁ।ବନ୍ଦର କର୍ତ୍ତୃପକ୍ଷ ଲାଭ ନେଉ ଥିବା ବେଳେ ଲୋକଙ୍କୁ ସାମାନ୍ୟ ସୁବିଧାରୁ ବଞ୍ଚିତ କରିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲାଣି। ଆଗାମୀ ଦିନରେ ପାରାଦୀପ ସହରର ବିକାଶ ନ ହେଲେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚର୍ଚ୍ଚା ହେଉଛି।

## ବାଲିଆ ଭଗବତୀ ପୀଠରେ ପ୍ରବାଦ ପୁରୁଷଙ୍କ ଶ୍ରାଦ୍ଧ ଦିବସ ପାଳିତ



**ବିରିଡି, ୧୮।୪(ସମିସ):** ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ସକାଳ ୮ଟାରେ ବାଲିଆ ଭଗବତୀ ପୀଠ ପୁଷ୍କରିଣୀରେ ସ୍ୱର୍ଗତ ଆତ୍ମା ପ୍ରତି ପିଣ୍ଡଦାନ କରାଯାଇ ତିଳତର୍ପଣ କରାଯାଇଥିଲା। ବରିଷ୍ଠ ନେତା ନୃସିଂହ କୁମାର ଦାଶ କର୍ତ୍ତା ଭାବେ ପିଣ୍ଡଦାନ କରିଥିଲେ। ଏଥିରେ ବ୍ଲକ ସଭାପତି ରବୀନ୍ଦ୍ର ରାଉଳ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦୀପ୍ତିମୟୀ ରାୟ, ନେତ୍ରାନନ୍ଦ ପାତ୍ର, କାହ୍ନୁଚରଣ ବେହେରା, ପବିତ୍ର ପଶାୟତ, ରବୀନ୍ଦ୍ର ସାହୁ, ପୁଷ୍ପପ୍ରକାଶ ପ୍ରଧାନ, ସୁନୀଲ ଦାସ, ସାଗର ସାହୁ, ସୁକାନ୍ତ ମଲ୍ଲିକ, ସୁଦର୍ଶନ ବେହେରା, ପ୍ରଶାନ୍ତ ବେହେରା, ବିଜୟ ସାହୁ ସାମିଲ ହୋଇଥିଲେ। ସେହିପରି ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନା ବିରିଡି ବିଜୁ ଭବନ ପରିସରରେ ଥିବା ବିଜୁ ପଟ୍ଟନାୟକ ଓ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ଏ ଅବସରରେ ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ପବିତ୍ର ପଶାୟତ, ଦିଲ୍ଲୀପ ମହାପାତ୍ର, ମୀରଆଜମୀର ଅଲ୍ଲୀ, ମନୋରଞ୍ଜନ ଓଝା, ପ୍ରମୋଦ ବେହେରା, ଅଜୟ ଭୋଇ, ତୃପ୍ତି ରାୟ, ସୁନାକର ବେହେରା, ଆତିଫଉଦ୍ଦିନ ଖାଁ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଅଣ୍ଟରା ଶ୍ରୀରାମ ମନ୍ଦିରରେ ନବାହ୍ନ ପାରାୟଣ



ପଟ୍ଟାମୁଣ୍ଡାଇ, ୧୮।୪(ସମିସ): ପ୍ରଭୁ ଶ୍ରୀରାମଙ୍କ ଧରାବତରଣ ପାଇଁ ସମଗ୍ର ବିଶ୍ୱ ଉତ୍ସବ ମୁଖର। ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଟରାଠାରେ ୧୯୮୭ରୁ ଭବ୍ୟ ମନ୍ଦିରରେ ପୂଜା ପାଉଥିବା ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ପୂଜାର୍ଚ୍ଚନାରେ ବିଭୋର ଅଞ୍ଚଳବାସୀ ଓ ଅଣ୍ଟରା ଶ୍ରୀରାମ ମନ୍ଦିରରେ ୪୨ତମ ବାର୍ଷିକ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଉଦ୍‌ଘାଟିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଶ୍ରୀରାଧାରମଣ ମଠ ମହନ୍ତ ପୂଜ୍ୟପାଦ ଅସୀମାନନ୍ଦ ଦାସ ମହାରାଜ ଏହି ମହାର୍ଘ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଉଦଘାଟନ କରି ନାମ ସଂକୀର୍ତ୍ତନର ପ୍ରସଙ୍ଗ ଉପରେ ଆଶୀର୍ବଚନ ପ୍ରଦାନ କରିଥିଲେ। ବ୍ୟାସ ବଂଶୀଧର ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀରାମ ସେବକ ସଂଘ ସଭାପତି ବସନ୍ତ ସ୍ୱାଇଁ, ଉପସଭାପତି ଡଃ ସୁନୀଲ ପ୍ରଧାନ, ସହସମ୍ପାଦକ ଚିତ୍ତରଞ୍ଜନ ମଲ୍ଲିକ, କୋଷାଧ୍ୟକ୍ଷ ଅଞ୍ଜନ ବାରିକ, ବରିଷ୍ଠ ସଭ୍ୟ ସଚ୍ଚିଦାନନ୍ଦ ମଲ୍ଲିକ, ପ୍ରେମାନନ୍ଦ ମଲ୍ଲିକ, ମହେଶ୍ୱର ବାରିକ, କୈଳାସ ବାରିକ, ଗୋଲକ ପାତ୍ର, ସୁଧାଂଶୁ ଦାସ, ପ୍ରିୟରଞ୍ଜନ ଦାସ, ପ୍ରଦୀପ ପଲ୍ଲାଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକ ସମ୍ମାନିତ

**କୁଜଙ୍ଗ, ୧୮।୪(ସମିସ):** କିଛି ଶିକ୍ଷକ ଅଛନ୍ତି ତାଙ୍କ ଜୀବନ ଶିକ୍ଷା, ସେବା ଓ ସାଧନା ପାଇଁ ସମର୍ପିତ। ସେହିପରି ଜଣେ ଶିକ୍ଷକ ହେଉଛନ୍ତି କୁଜଙ୍ଗ ବ୍ଲକର ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁ। ତାଙ୍କ ସେବା ଓ ସାଧନାକୁ ସମ୍ମାନ ଜଣାଇ କୁଜଙ୍ଗ ବ୍ଲକ ତାଳଦଣ୍ଡାଠାରେ ମହାବୀର ସମିତି ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମରେ ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆ ଏହି କୃତୀ ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଛନ୍ତି। ଏ ଅବସରରେ ଶ୍ରୀଧର ବିଶ୍ୱାଳ, ଫକୀର ମହାନ୍ତିଙ୍କ ସହ ଉଭୟ ମହାବୀର ସମିତି ଓ ଅନନ୍ତ ବଳିଆ ଟ୍ରଷ୍ଟର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ସ୍ୱାଇଁ କହିଛନ୍ତି, ବହୁ ସମ୍ମାନ ଜିଲ୍ଲା ତଥା ରାଜ୍ୟ ସ୍ତରରେ ମିଳିଛି। ମାତ୍ର ଜଣେ ଦିବ୍ୟ ପରୁଷ ତଥା ମହାନ ସାଧକଙ୍କଠାରୁ ଏହି ପୁରସ୍କାର ଏକ ଆଶୀର୍ବାଦ ସଦୃଶ। ଏହା ପ୍ରାଥମିକ ଶିକ୍ଷକଙ୍କ ଏକତା, ସମୃଦ୍ଧି ପାଇଁ ଅଭିପ୍ରେରିତ କରିବ।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ପାରାଦୀପ, ୧୮।୪ (ସମିସ): ପାରାଦୀପ ବନ୍ଦରର ପ୍ରତିଷ୍ଠାତା ତଥା ମହାନ ଜନନାୟକ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାରାଦୀପ ବିଜୁ ଜନତା ଦଳ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରଥମେ ଅଠରବାଙ୍କି ବିଜୁ ଉଦ୍ୟାନରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କ ସମେତ ବିଜେଡି ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡ଼ା, ସମ୍ପାଦକ ଉଲ୍ଲାସ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ମନୋଜ ବେହେରା, ଅଜିତ ଷଡଙ୍ଗୀ, ସବିତା ମହାପାତ୍ର, ନଳିନୀ ସାହୁ, ଛବିଲତା ରାଉତଙ୍କ ସମେତ ବହୁ ବିଜେଡି କର୍ମୀ ଓ ନେତା ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟରେ ସ୍ଥାନୀୟ ନେହୁର ବଙ୍ଗଳାସ୍ଥ ମହାନଦୀରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅଠରବାଙ୍କୀରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଗୋବିନ୍ଦପୁର, ୧୮।୪(ସମିସ):** ଆଳି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ରାଜେନ୍ଦ୍ର ସାମଲଙ୍କ ୭୫ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ସ୍ୱର୍ଗତ ସାମଲଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ସୁରେଶ ଚନ୍ଦ୍ର ଜେନା, ନିଖିଳ ସାମଲ, ଅଧର ସାମଲ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଶରତ ନାୟକ, ବିବେକ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ସାନ୍ତସାହି ଶିରିଡ଼ିସାଇ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ



**କେନ୍ଦ୍ରାପଡ଼ା, ୧୮।୪(ସମିସ):** କେନ୍ଦ୍ରାପଡ଼ା ସହରର ସାନ୍ତସାହିସ୍ଥ ଶିରିଡି ସାଇ ମନ୍ଦିରରେ ଶିରିଡିସାଇ ସେବା ସଂସ୍ଥା ଆନୁକୂଲ୍ୟରେ ଶ୍ରୀରାମ ନବମୀ ଓ ବାବାଙ୍କ ଚବାଡି ଶୋଭାଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୬ଟାରେ ମଙ୍ଗଳ ଆରତୀ କରାଯାଇ ବାବାଙ୍କୁ ସ୍ନାନ କରାଯିବା ପରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶିରିଡି ସାଇବାବାଙ୍କ ଫଟୋଚିତ୍ରକୁ ସୁଶୋଭିତ ବିମାନରେ ବସାଇ ଚବାଡି ଶୋଭାଯାତ୍ରା ସାନ୍ତସାହିସ୍ଥ ବାବାଙ୍କ ମନ୍ଦିରରୁ ବାହାରି ସହର ମଧ୍ୟଦେଇ ମଡିଆଳ, ପୁରୁଣା ବସ୍‌ଷ୍ଟାଣ୍ଡ, ବଡ଼ହାଟ, କାକଟ, ନୂଆ ବସ୍‌ଷ୍ଟାଣ୍ଡ ଦେଇ ପୁନର୍ବାର କାକଟ, ମୀରପାଟଣା, ନସଡିପୁର ଓ ସାନ୍ତସାହି ପୋଲଦେଇ ସହର ପରିକ୍ରମା ପୂର୍ବକ ବାବାଙ୍କ ମନ୍ଦିରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଜଳସେବା

ପଟ୍ଟାମୁଣ୍ଡାଇ, ୧୮।୪(ସମିସ):ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର କଷଣଅଣ୍ଟାଠାରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ପଥିକଙ୍କ ପାଇଁ ଜଳସେବା କାର୍ଯକ୍ରମ ଜାରି ରହିଛି। ସଂଗଠନର ଯୁବ ସେବକଙ୍କ ଦ୍ୱାରା ଖରାରେ ଯାତାୟାତ କରୁଥିବା ପଥଚାରୀ ତଥା ଯାତ୍ରୀଙ୍କ ପାଇଁ ଦହି, ଲେମ୍ବୁପାଣି ଆଦି ପାନୀୟର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମ ଗ୍ରୀଷ୍ମପ୍ରବାହ ଥିବା ଯାଏ ଚାଲୁ ରହିବ। ସଂଗଠନର ମାନସ ବାରିକ, ତାପସ କୁମାର ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ମାନସ ସାହୁ, ରଶ୍ମୀରଞ୍ଜନ ସାହୁ, ସାଗର ପ୍ରଧାନ, ଲିଟୁ ସାହୁ, ଅଂଶୁ ବାରିକ, ପ୍ରଭୁ ସାହୁ, ବାବୁଲ ପ୍ରଧାନ, ସୁଶାନ୍ତ ସାହୁ, ରଞ୍ଜନ ପ୍ରଧାନ, ଡୁଲୁ ପ୍ରଧାନ, ଅରୁଣ ରାଉତ, ସୁବ୍ରତ ପ୍ରଧାନ, ଅଜୟ ଜେନା, ଶୁଭ ମର୍ଦ୍ଦରାଜ, କାହ୍ନୁ ପ୍ରଧାନ, ଅନନ୍ତ ପ୍ରଧାନ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

# ବିପନ୍ନ ପରିବାରକୁ ଭେଟିଲେ ଧ୍ରୁବ, ଅଂଶୁମାନ

ରାଜନଗର, ୧୮ ।୪(ସମିସ)



ପ୍ରବଳ ଗ୍ରୀଷ୍ମ ପ୍ରବାହ ଗତ ୩ ଦିନ ହେଲା ଜାରି ରହିଥିବା ବେଳେ ଆଜି ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଡାଙ୍ଗମାଳ ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ୪ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଡାଙ୍ଗମାଳ ଗାଁର ଶଶାଙ୍କ ଦଳପତି ଓ ବିକାଶ ଦଳପତିଙ୍କ ଘରେ ଦିନ ସାଢେ ୧୧ଟା ବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ଶଶାଙ୍କ ଓ ବିକାଶଙ୍କ ଘରେ ଥିବା ଟଙ୍କା, ସୁନା, ଟିଭି, ଫ୍ରିଜ, ଧାନ, ଚାଉଳ ସମେତ ସମସ୍ତ ଆସବାସ ପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହିଭଳି ଦୁଃଖଦ ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। ଏ ନେଇ ବିପନ୍ନ ପରିବାର କିପରି ସହାୟତା ପାଇବେ ସେ ନେଇ ପ୍ରଶାସନିକ ଅଧିକାରୀଙ୍କ ସହିତ ମଧ୍ୟ କଥା ହୋଇଛନ୍ତି। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପାଲ ଯୋଗାଇ ଦିଆଯାଇଛି। ପଞ୍ଚାୟତ ପକ୍ଷରୁ ୭ଦିନ ରନ୍ଧାଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ବିପନ୍ନ ପରିବାର ଏବେ ପଡ଼ିଶା ଘରେ ଆଶ୍ରୟ ନେଇଛନ୍ତି। ବିପନ୍ନ ପରିବାରଙ୍କୁ ବିଧାୟକ ଶ୍ରୀ ସାହୁ, ସାଂସଦ ପ୍ରାର୍ଥୀ ଶ୍ରୀ ମହାନ୍ତିଙ୍କ ସହିତ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବିଜେଡି ନେତା ସନ୍ତୋଷ ମହାନ୍ତି, ଡାଙ୍ଗମାଳ ସମିତିସଭ୍ୟ ଶ୍ରୀଚରଣ ଦାସ, ସରପଞ୍ଚ ଦ୍ରୌପଦୀ ସେଠୀ, ଦେବେନ୍ଦ୍ର କୁମାର ଜେନା, ଲକ୍ଷ୍ମୀଧର ବାରିକ, ରମେଶ ଚନ୍ଦ୍ର ବେହେରା, ମାଧବ ଚନ୍ଦ୍ର ମାନ୍ନା, ରଘୁନାଥ ବେହେରା, କାର୍ତ୍ତିକ ବେହେରା, ବିନୋଦ ବେହେରା ପ୍ରମୁଖ ସମବେଦନା ଜଣାଇଛନ୍ତି।

## ଜଗନ୍ନାଥପୁର ମା'ବାସନ୍ତୀ ଦୁର୍ଗାଦେବୀଙ୍କ ପୂଜା



**କେନ୍ଦ୍ରାପଡ଼ା, ୧୮।୪(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅଧିନ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁରସ୍ଥିତ ମା'ବାସନ୍ତୀ ଦୂର୍ଗାଦେବୀଙ୍କ ପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ଷଷ୍ଠୀରେ ବିଲ୍ୱବରଣ, ବିହିତ ପୂଜା ଓ ଦେବୀ ବୋଧନ କରାଯାଇଥିବା ବେଳେ ସୋମବାର ମା'ଙ୍କ ମହାସପ୍ତମୀରେ କଳସ ଯାତ୍ରା, ଘଟନିମର୍ଜନ, ଜଳାଭିଷେକ, ନବପତ୍ରିକା ଦୋଳାରୋହଣ ଶୋଭାଯାତ୍ରା ଓ ନଗର ପରିକ୍ରମା କରାଯାଇ ସହସ୍ରାଧାର ସ୍ନାନ କରାଯିବା ସହ ଦେବୀଙ୍କର ସପ୍ତମୀ ଜନିତ ବିହିତ ପୂଜାରମ୍ଭ, ଚକ୍ଷୁଦାନ ଓ ଚଣ୍ଡୀପାଠ କରାଯାଇଥିଲା। ମଙ୍ଗଳବାର ମହାଅଷ୍ଟମୀ ତିଥିରେ ଚଣ୍ଡୀପାଠ, ଘୃତାହୃତି ଓ ପୁଷ୍ପାଞ୍ଜଳି, ଝୁଣାଦାହ ଓ ସନ୍ଧିବଳି ଦିଆଯାଇଥିଲା। ବୁଧବାର ମହାନବମୀରେ ବିହିତ ପୂଜା, ଚଣ୍ଡୀପାଠ, ନବକୁମାରୀ ପୂଜା, ଅଷ୍ଟୋତ୍ତରଶତଦୀପ ଉତ୍ସର୍ଗ, ଗୀତାହୃତି, ଚଣ୍ଡୀଆହୂତି, ପୂର୍ଣ୍ଣାହୂତି ଓ ପୁଷ୍ପାଞ୍ଜଳି ଦିଆଯିବା ସହିତ ମହିଷାସୁର ପୋଡି ଅନୁଷ୍ଠିତ ହୋଇଥିଲା। ଗୁରୁବାର ବିଜୟାଦଶମୀ ଅବସରରେ ଚଣ୍ଡୀପାଠ, ଅପରାଜିତା ପୂଜା, ସନ୍ଧ୍ୟାରେ ବିସର୍ଜନ ପୂଜା, ସମୁହ ପୁଷ୍ପାଞ୍ଜଳି, ଅପରାଜିତା ଧାରଣ, ଅଳତା ସିନ୍ଦୁର ଲାଗି, ସପ୍ତଦୀପ ବନ୍ଦାପନା, ଦେବୀଙ୍କ ପୁନଃ ଆଗମନ ପାଇଁ ମେଲାଣି, ଘଟକଳସ ଓ ନବପତ୍ରିକା ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିସହିତ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା, ପ୍ରବଚକ ସତ୍ୟଚୈତନ ଦାସ(ସୁନିଲ ବାବା)ଙ୍କ ପ୍ରବଚନ, ରୟାଲ ଡ୍ୟାନ୍ସ ଗ୍ରୁପର ନୃତ୍ୟ ଆସର, "ମା' ବାସନ୍ତୀଜ୍ୟୋତି ସମ୍ମାନ" ପ୍ରଦାନ କାର୍ଯ୍ୟକ୍ରମ ଓ ଅପେରା ସାଇରୁଦ୍ର ପକ୍ଷରୁ ଅପେରା ପରିବେଷଣ କରାଯାଇଥିବା କମିଟି ସଭାପତି ଦୀପକ ରଞ୍ଜନ ସ୍ୱାଇଁ ଓ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ଜଣାଇଛନ୍ତି।

# ବିଜେଡି ପକ୍ଷରୁ ବିଜୁବାବୁଙ୍କ ତିଳତର୍ପଣ କାର୍ଯ୍ୟ



**କିଶୋରନଗର, ୧୮ ।୪(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ଠାରେ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରି ପ୍ରଧାନ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ତପନ ସାହୁ, ସିଦ୍ଧାର୍ଥ ପଣ୍ଡା, ବାମୁର ସରପଞ୍ଚ ସଂଜୀବ ପ୍ରଧାନ ଯୋଗଦେଇଥିଲେ ।

# ଭୁବନରେ ଶ୍ରୀରାମ ନବମୀ ପାଳିତ

**ଭୁବନ, ୧୮ ।୪(ସମିସ) :** ଭୁବନ ଏନ୍ଏ ସି ଅନ୍ତର୍ଗତ ୧ ନମ୍ବର ୱାର୍ଡରେ ଥିବା ଶ୍ରୀରାମ ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ନବମୀ ପୂଜା ପାଳିତ ହୋଇଯାଇଛି । ପ୍ରାତଃରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମାନସିକ ବ୍ରତଧାରୀମାନେ ଶୃଙ୍ଖଳିତ ଭାବେ ଧାଡ଼ିରେ ଠିଆ ହୋଇ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ସୀତା ବେଶ ଧାରୀ ଶିଶୁ ମାନେ ମୁଖ୍ୟ ଆକର୍ଷଣ ସାଜିଥିଲେ ।ବାଜା, ବାଣ, ସଂକୀର୍ତ୍ତନ ଓ ଡିଜେ ମ୍ୟୁଜିକ ସାଙ୍ଗକୁ ଜୟ ଶ୍ରୀରାମ ନାରାବାଜି ରେ ସହର କମ୍ପିଥିଲା ।

# ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ

**କାମାକ୍ଷାନଗର, ୧୮ ।୪(ସମିସ) :** ଶ୍ରୀରାମ ନବମୀ ଓ ଶିରିଡି ସାଇନାଥଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଥମେ ସାଇବାବା ସଂକୀର୍ତ୍ତନ ମଣ୍ଡଳୀ ଏବଂ ଭକ୍ତଙ୍କ ଗହଣରେ ଚାଭାଡ଼ି ଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା । ପ୍ରଭୁ ଶ୍ରୀରାମ ଓ ସଦଗୁରୁ ସାଇନାଥଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସାଇବାବାଙ୍କୁ ୧୦୮ ବେଲପତ୍ର ଓ ତୁଳସୀ ପତ୍ରରେ ପତ୍ରାଭିଷେକ କରାଯାଇଥିଲା । ଅନୁଷ୍ଠିତ ଯଜ୍ଞରେ କାର୍ଯ୍ୟ ସମ୍ପାଦନ କରିଥିଲେ ପଣ୍ଡିତ ପରୀକ୍ଷିତ ମହାପାତ୍ର ଓ ପଣ୍ଡିତ ସୁରେଶ ମହାପାତ୍ର । କର୍ତ୍ତା ଭାବରେ ଶ୍ରୀକାନ୍ତ ଜୀ ଓ ଶାନ୍ତବାଳା ଜୀ ଯୋଗ ଦେଇଥିଲେ । ତା ପରେ ମଧ୍ୟାହ୍ନ ଅଳତୀ କରାଯାଇ ପ୍ରାସାଦ ସେବନ କରାଯାଇଥିଲା ।

# ବନ୍ତୁଲରେ ମାତୃଶକ୍ତି ବନ୍ଦନା କାର୍ଯ୍ୟକ୍ରମ

**କିଶୋରନଗର, ୧୮।୪(ସମିସ):** ଆଠମଲ୍ଲିକ ଉପଖଣ୍ଡ ଅନ୍ତର୍ଗତ ସାପ ଘରା ପଞ୍ଚାୟତର ବନ୍ତୁଲ ଗ୍ରାମରେ ବିଜେପିର ନାରୀ ଶକ୍ତି ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଂଜୀବ କୁମାର ସାହୁ ଯୋଗଦେଇ ବିକଶିତ ଭାରତ ରେ ନାରୀ ଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ ।

# ସିଟି ସ୍କୁଲ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସରବତ ବଣ୍ଟନ

**କିଶୋରନଗର, ୧୮ ।୪(ସମିସ):** କିଶୋରନଗର ସିଟି ସ୍କୁଲ ତରଫରୁ ସାଧାରଣ ଯାତ୍ରୀଙ୍କୁ ଖରା ଦାଉରୁ ରକ୍ଷା ପାଇଁ ସରବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଶିକ୍ଷକ ପ୍ରଶିକ୍ଷକ ଓ ଗୁରୁଛାତ୍ର ଛାତ୍ରୀମାନେ ବାଟୋଇଙ୍କୁ ଅଟକାଇ ସରବତ ବଣ୍ଟନ କରିଛନ୍ତି ।, ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନର ସମ୍ପାଦକ ଟୁକୁନ ନାୟକ, ଅଧ୍ୟକ୍ଷ ମଦନ ସୁନ୍ଦର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଅବସର ଅଧ୍ୟକ୍ଷ ପର୍ଶୁରାମ ଚାନ୍ଦ, ସଂଯୋଜକ କମଳ ଲୋଚନ ମହନ୍ତ ଯୋଗଦେଇଥିଲେ ।

# ବଇଣ୍ଡାରେ ରାମ ନବମୀ ପାଳିତ

**ବଇଣ୍ଡା, ୧୮ ।୪(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ଠାରେ ଥିବା ରାମମନ୍ଦିର ନିକଟରେ ରାମ ନବମୀ ପାଳିତ ହୋଇଯାଇଛି । ମଙ୍ଗଳବାର କଳସରେ ପାଣି ଆଣିବା ପରେ ମନ୍ଦିର ନିକଟରେ ରଖିବା ପରେ ବୁଧବାର ପ୍ରଭୁ ରାମଙ୍କ ପୂଜା କରାଯାଇଥିଲା । ପୂଜକ ଶ୍ୟାମ ସୁନ୍ଦର ରଥ, ଗୋପୀନାଥ ମିଶ୍ର ଯଥା ରୀତି ନୀତି ଅନୁସାରେ ପୂଜା କରିଥିବା ବେଳେ ନାମ ସଂକୀର୍ତ୍ତନ କରାଯାଇଥିଲା । ଏଥିସହ ହୋମ ଜଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଅମିୟ ସାହୁ, ତାଙ୍କ ପତ୍ନୀ ସସ୍ମିତା ଗଡନାୟକ କର୍ତ୍ତା ଭାବରେ ଯୋଗ ଦେଇଥିଲେ ।

# ରାମନବମୀରେ ଗଁଦିଆ ଚଳଚଞ୍ଚଳ

**ଗଁଦିଆ, ୧୮ ।୪(ସମିସ) :** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକର ପରୁଅଖୋଜ ସ୍ଥିତ ପ୍ରଭୁ ଶ୍ରୀରାମଙ୍କ ପୀଠରେ ଶହ ଶହ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା । ପୀଠରେ ମର୍ଯ୍ୟାଦା ପୁରୁଷତ୍ତମ ପ୍ରଭୁ ଶ୍ରୀରାମ, ସୀତା, ଲକ୍ଷ୍ମଣ, ଭାରତ ଓ ଶତ୍ରୁଘନଙ୍କ ସମେତ ହନୁମାନଙ୍କୁ ବୁଧବାର ସକାଳୁ ରୀତି ନୀତି ଅନୁସାରେ ପୂଜା ଅର୍ଚ୍ଚନା ହେଉଥିଲା ଓ ପରମ୍ପରା ମୁତାବକ ପୀଠରେ ଯଜ୍ଞ ମଣ୍ଡପରେ ବିଶ୍ୱଶାନ୍ତି ଯଜ୍ଞ ଆୟୋଜନ କରାଯାଇଛି । ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିବା ଶହ ଶହ ମାନସିକଧାରୀ ମାନେ ଦୀପଜାଳି ନିଜ ପରିବାରର ମଙ୍ଗଳ ମନାସୀଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମ ନବମୀ ପାଳିତ

**ଅନୁଗୋଳ, ୧୮ ।୪(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ଶ୍ରୀରାମ ନବମୀ ପାଳନ ହୋଇଛି । ଅନୁଗୋଳ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟର ସଂସ୍କୃତ ସାହିତ୍ୟ ଅଧ୍ୟାପକ ପଣ୍ଡିତ ଦେବେଶିଷ ଦାଶ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ କନ୍ଦର୍ପ ସାହୁ ରାମଙ୍କ ଜୀବନୀ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ । ଶିଶୁ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ବନ୍ଦେ ମାତରଂ ସଙ୍ଗୀତ ଗାନ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଜିତେନ୍ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

■ କାମାକ୍ଷାନଗର ସହରରେ ପ୍ରଫୁଲ୍ଲଙ୍କ ଜୋରଦାର ପ୍ରଚାର

# ଘରକୁ ଘର ବୁଲି ଲୋକଙ୍କ ସମର୍ଥନ ଲୋଡ଼ିଲେ



**କାମାକ୍ଷାନଗର, ୧୮ ।୪(ସମିସ) :** ଆସନ୍ତା ସାଧାରଣ ନିର୍ବାଚନ ପାଇଁ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ପ୍ରଚାର ଜାରି ରଖିଛି ବିଜୁ ଜନତା ଦଳ । ଦଳର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ କାମାକ୍ଷାନଗର ଏନଏସି ଅନ୍ତର୍ଗତ ୯ ଓ ୧୦ ୱାର୍ଡ ଆଳତୁମା, ଶ୍ରୀରାମ ନଗର ସାହିରେ ପ୍ରଚାର କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ କାମାକ୍ଷାନଗର ଏନଏସି ହୋଇଥିବା ବିକାଶ କାର୍ଯ୍ୟକୁ ଆଧାର କରି ବିଜେଡି ଲୋକଙ୍କ ପାଖକୁ ଯାଉଛି । ଯେଉଁଥିପାଇଁ ବିଜୁ ଜନତା ଦଳ ପ୍ରତି ଜନସମର୍ଥନ ବଢୁଥିବା ଦେଖିବାକୁ ମିଳିଛି । ଆଜି ସ୍ଥାନୀୟ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଏନଏସିର ଶ୍ରୀରାମନଗର ଠାରେ ଏକ ନିର୍ବାଚନ ସଭା କରିବା ସହ ଘରକୁ ଘର ବୁଲି ଭୋଟ ମାଗିବା ସହ ଲୋକଙ୍କ ସମର୍ଥନ ଲୋଡ଼ିଛନ୍ତି । ଏହି ଅବସରରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ସମସ୍ତ କାଉନସିଲର, ବିଜୁ ଜନତା ଦଳ ନଗର ସଭାପତି ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, ନଗର ସଭାନେତ୍ରୀ ରଞ୍ଜିତା ବେହେରା ଉପସ୍ଥିତ ରହି ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ. ଅବିନାଶ ସାମଲ ଓ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ବିପୁଳ ଭୋଟଦେଇ ଜୟଯୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏହି ନିର୍ବାଚନ ସଭାରେ ୯ ଓ ୧୦ ନଂ ୱାର୍ଡର ଶତାଧିକ ପୁରୁଷ ଓ ମହିଳା ବାସିନ୍ଦା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ଓ ପ୍ରଫୁଲ୍ଲ ମଲ୍ଲିକଙ୍କୁ ପଞ୍ଚମ ଥର ପାଇଁ ବିଧାୟକ ଭାବେ ବିଜୟୀ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।

# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ



**ଭୁବନ, ୧୮ ।୪(ସମିସ) :** ଭୁବନ ବିଜେଡି ତରଫରୁ ସ୍ଥାନୀୟ ବାଟତାରିଣୀ ମନ୍ଦିର ନିକଟସ୍ଥ ଦଳୀୟ କାର୍ଯ୍ୟାଳୟ ଠାରେ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ୨୭ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ଏବଂ ଏନ୍ ଏ ସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଏନ୍ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ବିଜୁ ବାବୁଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ । ଏହି ଅବସରରେ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ରାଲି ସହର ପରିକ୍ରମା କରି ବୁଦ୍ଧେଶ୍ୱର ମନ୍ଦିରରେ ପହଞ୍ଚି ୧୦୮ ଦୀପ ଜାଳିଥିଲେ । ଏହି କାର୍ଯ୍ୟକ୍ରମରେ ୧ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ରାମନବମୀ

**ଢେଙ୍କାନାଳ, ୧୮ ।୪(ସମିସ) :** ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ପାର୍ଶ୍ୱରେ ଥିବା ରାମଙ୍କ ମନ୍ଦିରରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରାତଃ ରୁ ମଙ୍ଗଳ ଆଳତି ମହାସ୍ନାନ ନୂତନ ବସ୍ତ୍ର ବିଭିନ୍ନ ଫୁଲ ତୁଳସୀ ହାର ତଥା ରୂପା ଅଳଙ୍କାରରେ ସଜ୍ଜିତ କରାଯାଇଥିଲା । ବଲ୍ଲଭ ଭୋଗ ଲାଗି କରାଯାଇଥିଲା । ୧୦ଟା ବେଳେ ଖେଚେଡ଼ି ଭୋଗ ମଧ୍ୟାହ୍ନ ସମୟରେ ରାମ ଅଭିଷେକ, ଅର୍ନ ଧୂପ, ସନ୍ଧ୍ୟା ରେ ଆଳତି ଓ ରାତ୍ରିରେ ରାତ୍ରଧୂପ ପରେ ପହଡ ପଡ଼ିବ । ପୂଜକ ଶ୍ରୀବତ୍ସ ମିଶ୍ର ପାଳିଆସେବକ ସମ୍ଭୁନାଥ ମହାପାତ୍ର କାହାଳିଆ ଟିକନ ବେହେରା ଓ ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତ ରେ ଏହି ରାମନବମୀ ଉତ୍ସବ ପାଳନ କରାଯାଇଥିଲା ।

# ମା' ବଡ଼ିଦୁର୍ଗାଙ୍କ ଶକ୍ତିପୀଠରେ ନବରାତ୍ର ପୂଜା

**ବଅଁରପାଳ, ୧୮ ।୪(ସମିସ):** ବଅଁରପାଳ ବ୍ଲକ ଅନ୍ତର୍ଗତ ଲଙ୍ଗୁଳିଆବେଡ଼ା ଗ୍ରାମ ତାସିରୀମଠ ପରିସରରେ ଅଧିଷ୍ଠିତ ମା' ବଡ଼ିଦୁର୍ଗାଙ୍କ ଶକ୍ତିପୀଠରେ ପବିତ୍ର ରାମନବମୀ ଉପଲକ୍ଷେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ନବରାତ୍ର ଉତ୍ସବ ଉଦଯାପିତ ହୋଇଯାଇଛି । ପ୍ରଥମ ଦିବସରେ ନିକଟସ୍ଥ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ତଥା ଅଞ୍ଚଳର ପ୍ରତ୍ୟକ୍ଷ ଦେବୀ ମା' ଲୋଭୀ ଠାକୁରାଣୀଙ୍କ କୂପରୁ ଶ୍ରଦ୍ଧାଳୁ ମହିଳା ଓ ପୁରୁଷ ଭକ୍ତମାନେ ପୂଜାପାଠ ପୂର୍ବକ କଳସରେ ପବିତ୍ର ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ଆସି ମା'ଙ୍କ ଶକ୍ତିପୀଠରେ ସ୍ଥାପନ କରିଥିଲେ । ନଅ ଦିନ ବ୍ୟାପି ମା'ଙ୍କୁ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ରୂପରେ ଆରାଧନା କରା ଯାଇଥିଲା । ଅନ୍ତିମ ଦିବସରେ ୯ ଜଣ କୁମାରୀ କନ୍ୟାଙ୍କୁ ନୂତନ ବସ୍ତ୍ର ପରିଧାନ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା ।

# ଆଠମଲ୍ଲିକ ଏନଏସିର କଂଗ୍ରେସ ସମ୍ମିଳନୀ

**ଆଠମଲ୍ଲିକ, ୧୮ ।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଠମଲ୍ଲିକ ନଗର କଂଗ୍ରେସର ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ପଡ଼ିଆ ହିଣ୍ଡଳ ଆମ୍ବ ବଗିଚା ଠାରେ ଓବିସି ରାଜ୍ୟ ସମ୍ପାଦକ ଦେବବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ କଂଗ୍ରେସ ରାଜ୍ୟ ଓବିସି ଚେୟାରମ୍ୟାନ ତଥା ଆଠମଲ୍ଲିକ ବିଧାନସଭା ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନେତା ହିମାଂଶୁ ଚାଉଳିଆ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓବିସି ରାଜ୍ୟ ସାଧାରଣ ସମ୍ପାଦକ କିଶୋର କୁମାର ମହାକୁଡ଼, ସରୋଜ ମହାକୁଡ଼, ଜିଲ୍ଲା ଉପସଭାପତି ରାମାନନ୍ଦ ପାଣିଗ୍ରାହୀ, ପରମେଶ୍ୱର ବେହେରା, ମନୋଜ ପ୍ରଧାନ, ସଂଜୟ ପ୍ରଧାନ, ଜିତେନ୍ଦ୍ର ମିଶ୍ର, ତ୍ରିପୁରେନ୍ଦ୍ର ବାଘ, ଦିବ୍ୟଲୋଚନ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ଆମ୍ବେଦକର ଜୟନ୍ତୀ ପାଳିତ

**ଥର୍ମାଲ, ୧୮ ।୪(ସମିସ):** ତାଳଚେର ଥର୍ମାଲରେ ଏସସି/ଏସଟି ୱେଲଫେୟାର ଆସୋସିଏସନ ଦ୍ୱାରା ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏନଟିପିସି / ଟିଟିପିପିର ନିର୍ଦ୍ଦେଶକ ଅଧିକାରୀ ଗୌତମ ଦେବ, ସମ୍ମାନିତ ଅତିଥି ଭାବରେ ଏନଟିପିସି ସାଗରୀକା ମହିଳା କ୍ଲବର ସଭାପତି ବୀପାଶା ଦେବ, ମୁଖ୍ୟ ପ୍ରବକ୍ତା ପ୍ରଫୁଲ୍ଲ କୁମାର ନାଏକ, ଜିଏମ୍ ପ୍ରଜେକ୍ଟ ଜେ ପି ରୟ ଜିଏମ୍ ଦୀପକ୍ ଓ ଉପ-ମହାପାବନ୍ଧକ, ମାନବ ସମ୍ବଳ ରୋହିତ୍ କୁମାର, ସାଗରିକା ଲେଡିଜ କ୍ଲବ ସମସ୍ତ ସଦସ୍ୟ ସମସ୍ତ ଉଚ୍ଚପ୍ରଦସ୍ଥ ବରିଷ୍ଠ ଅଫିସର ଓ କର୍ମଚାରୀ, ସମସ୍ତ ୟୁନିଅନ ଓ ଆସୋସିଏସନର ସଦ୍ୟସମାନେ ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ ଘନଶ୍ୟାମ ପ୍ରସାଦ ଖଣ୍ଡେଇ କାଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସାଇଧାମର ବାର୍ଷିକ ଉତ୍ସବ

**ଢେଙ୍କାନାଳ, ୧୮ ।୪(ସମିସ) :** ସ୍ଥାନୀୟ ମୀନା ବଜାର କୁମ୍ଭାର ସାହି ଠାରେ ପବିତ୍ର ରାମନବମୀ ଉପଲକ୍ଷେ ସାଇଧାମର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ୧୬ ତାରିଖରେ ପାଦୁକା ସହ ସହର ପରିକ୍ରମା କରାଯାଇଥିଲା । ୧୭ ତାରିଖ ସକାଳ ୬ ଘଟିକାରେ କଳସଯାତ୍ରା, ୧୧ ଘଟିକାରେ ମହାଯଜ୍ଞ, ସନ୍ଧ୍ୟା ୫ ଘଟିକା ସମୟରେ ପାଲିଙ୍କି ଯାତ୍ରା ସହ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜିତ ହୋଇ ବାଦ୍ୟ ଓ ଗଉଡବାଡି ଖେଳ ଦ୍ୱାରା ସହର ପରିକ୍ରମା ପରେ ପ୍ରସାଦସେବନ କରାଯାଇଥିଲା । ପୂଜକ ରୋହିତ ପତି, କର୍ତ୍ତା ଦିଲ୍ଲୀପ କୁମାର ସେଠୀ, କର୍ତ୍ତୀ ଝରଣା ସେଠୀ ଉପସ୍ଥିତ ରହି ପୂଜାକୁ ସମାପନ କରିଥିଲେ । କାର୍ଯ୍ୟକ୍ରମର ଉପଦେଷ୍ଟା ସୋମନାଥ ବେହେରା, ଦିଲ୍ଲୀପ କୁମାର ବେହେରା, ଜ୍ୟୋତିର୍ମୟୀ ପଣ୍ଡା, ରାଜୁ ମହାରଣା, ବିଟୁ ନାୟକ, ସୁପ୍ରିତ ଘୋଷ୍, ରାମଚନ୍ଦ୍ର ପଣ୍ଡା, ବୁଧିଆ ବେହେରା, ବବିତା ବେହେରା, ବସନ୍ତ ସ୍ୱାଇଁ ଓ ମାମୁନୀ ସେଠୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

■ ଅସ୍ତିତ୍ୱ ହରାଉଛି ଶହେ ବର୍ଷର ହାଟ

# ୧୦ ଲକ୍ଷ ଟଙ୍କାରେ ନିର୍ମିତ ହାଟ ପିଣ୍ଡି କାହା ସ୍ୱାର୍ଥରେ




**ପଣ୍ଡୁଆ, ୧୮ ।୪(ସମିସ) :** କାମାକ୍ଷାନଗର ଉପଖଣ୍ଡ ଅଁଳାବେରେନି ପଞ୍ଚାୟତ ଅଧୀନରେ ଅଁଳାବେରେନି ଖେଳ ପଡ଼ିଆରେ ଅସ୍ଥାୟୀ ଭାବେ କିଛି ମାସ ପୂର୍ବେ ଗୁରୁବାର ସାପ୍ତାହିକ ଚାଷୀ ପନିପରିବା ହାଟ ହେଉଛି । ପ୍ରାୟ ୧୫ ଟି ପଞ୍ଚାୟତର ଲୋକେ ଏହି ଗୁରୁବାର ସାପ୍ତାହିକ ହାଟ ଉପରେ ନିର୍ଭରକରି ଦେଶୀ ପନିପରିବା ସହିତ ବିଭିନ୍ନ ସାମଗ୍ରୀ କ୍ରୟକରିବା ପାଇଁ ଆଗ୍ରହର ସହ ଏଠାକୁ ଆସନ୍ତି । ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟା ମଧ୍ୟରେ ଏହି ହାଟ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ କୌଣସି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି । ଏହି ହାଟ ଏଠାରେ ପ୍ରାୟ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଚାଲିଥିବା ବେଳେ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ଏହା ଅସ୍ତିତ୍ୱ ହରାଇ ବସିଲାଣି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ଅସହ୍ୟ ହେଉଥିବା ବେଳେ ୪୧ ଡିଗ୍ରୀ ତାପମାତ୍ରାରେ ଚାଷୀ ଓ ବେପାରୀ ଖୋଲା ପଡ଼ିଆରେ ବସି ବିଭିନ୍ନ ସାମଗ୍ରୀ ବିକ୍ରି କରିବା ଘଟଣା ସାଧାରଣରେ ବିସ୍ମୟ ଭାବ ସୃଷ୍ଟିକରିଛି । ଜନସାଧାରଣଙ୍କ ଦାବି କ୍ରମେ ଏହି ସାପ୍ତାହିକ ହାଟର ଉନ୍ନତିକରଣ ପାଇଁ କିଛିଦିନ ପୂର୍ବେ ୧୦ ଲକ୍ଷ ଟଙ୍କା ବ୍ୟୟରେ ହାଟ ପିଣ୍ଡି ନିର୍ମାଣ ହୋଇଥିଲେ ମଧ୍ୟ କାହିଁକି ସ୍ଥାୟୀ ଭାବେ ବ୍ୟବହାର କରାଯାଉନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରଚଣ୍ଡ ଖରା ଦାଉରୁ ରକ୍ଷା ନିମନ୍ତେ ତୁରନ୍ତ ନିର୍ମିତ ପିଣ୍ଡିର ବିନିଯୋଗ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ହାତୀ ଆକ୍ରମଣରେ ଆହତଙ୍କୁ ମିଳିନି ଆର୍ଥିକ ସହାୟତା

**ଢେଙ୍କାନାଳ, ୧୮ ।୪(ସମିସ) :** ଗଁଦିଆ ବ୍ଲକ ଅନ୍ତର୍ଗତ ଆଙ୍କୁଦା ଗ୍ରାମର କାଳନ୍ଦୀ ପ୍ରଧାନ ହାତୀ ଆକ୍ରମଣର ଶିକାର ହୋଇଥିଲେ । ତାଙ୍କର ଡାହାଣ ଗୋଡ଼ଟି ଭାଙ୍ଗି ଯାଇଛି । ସେ କଟକ ଘରୋଇ ଚିକିତ୍ସାଳୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଦୀର୍ଘ ଦୁଇ ମାସ ଚିକିତ୍ସା ପରେ ଗତ ଫେବୃଆରୀ ମାସରେ ଘରକୁ ଫେରିଲେ । ଏବେ ରୀତିମତ ବ୍ୟାଣ୍ଡେଜ କରିବା ଓ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେବାପାଇଁ ଅର୍ଥବଳ ନାହିଁ । ଏକମାତ୍ର ପୁଅ ସେବା ନକରିବାରୁ କାଳନ୍ଦୀ ଏବେ ବିବାହିତା ଝିଅ ଘରେ ଆଶ୍ରୟ ନେଇଛନ୍ତି । ପ୍ରଥମରୁ ବନ ବିଭାଗ ଦ୍ୱାରା ବିଭିନ୍ନ ଆର୍ଥିକ ସହାୟତାର ପ୍ରତିଶ୍ରୁତି ଦେଇଥିଲେ । ଏପର୍ଯ୍ୟନ୍ତ କାଳନ୍ଦୀଙ୍କୁ କିଛି ସାହାଯ୍ୟ ମିଳିନାହିଁ । ଷଡ଼ଙ୍ଗୀ ରେଞ୍ଜର ଏବଂ ଜିଲ୍ଲା ବନାଞ୍ଚଳ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣଗୋଚର କରୁନାହାନ୍ତି । କାଳନ୍ଦୀଙ୍କୁ ସାହାଯ୍ୟ ନମିଳିଲେ ଗ୍ରାମବାସୀ ରାସ୍ତା କ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ରାଧାକୃଷ୍ଣଜୀଉଙ୍କ ବାର୍ଷିକ ସଂକୀର୍ତ୍ତନ ସମ୍ମିଳନୀ

**ଢେଙ୍କାନାଳ, ୧୮ ।୪(ସମିସ) :** ସଦର ବ୍ଲକ ଅନ୍ତର୍ଗତ ତରଭା ଗ୍ରାମ ହରିଜନ ସାହିରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉଙ୍କ ପ୍ରଥମ ବାର୍ଷିକ ସଂକୀର୍ତ୍ତର୍ନ ସମ୍ମିଳନୀ ଆରମ୍ଭ ହୋଇଛି । ଏହି ସମ୍ମିଳନୀ ଆସନ୍ତା ୨୦ ତାରିଖରେ ଶେଷ ହେବ । ଆବାହକ ବିରଞ୍ଚି ବେହେରାଙ୍କ ତତ୍ତ୍ୱାବଧାନରେ ଉକ୍ତ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ସମ୍ମିଳନୀରେ ଆଖପାଖ ଗ୍ରାମର ୨୫ଦଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିଛନ୍ତି । ଅଦ୍ୟ ଲତାଦେଇପୁର, କତକମଡ଼ାଖମାର, ଝଗଡ଼ପଦା, ଗେଙ୍ଗୁଟିଆର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଛନ୍ତି । ଗ୍ରାମର ରବିନାରାୟଣ ସ୍ୱାଇଁ, ସନ୍ତୋଷ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଛନ୍ତି ।

# ଶିରିଡ଼ି ସାଇବାବାଙ୍କ ପ୍ରତିଷ୍ଠା ଉତ୍ସବ

**ଢେଙ୍କାନାଳ, ୧୮ ।୪(ସମିସ) :** ସ୍ଥାନୀୟ ଆନନ୍ଦ ବଜାରସ୍ଥିତ ହୀରାସାଗର ପୋଖରୀ ଦକ୍ଷିଣ ପାର୍ଶ୍ୱ ଶ୍ରୀ ଶନିଶ୍ଚର ମନ୍ଦିର ପରିସର ସାଇସାଗର ଧାମରେ ଶ୍ରୀ ଶ୍ରୀ ଶିରିଡ଼ି ସାଇବାବାଙ୍କ ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି । ଏହି ଅବସରରେ ବଳରାମ ମନ୍ଦିର ଠାରୁ କଳସ ଶୋଭାଯାତ୍ରା ବାହାରିଥିଲା । ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡଳ କଳସ ଅଧିବାସ ପୂଜା, ବିଶ୍ୱଶାନ୍ତି ମହାଯଜ୍ଞ, ପୂର୍ଣ୍ଣାହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ପାଲିଙ୍କି ଶୋଭାଯାତ୍ରା, ଅଖଣ୍ଡ ସାଇ ନାମକୀର୍ତ୍ତନ, ଭଜନ ସମାରୋହ ଓ ପ୍ରସାଦସେବନ ପରେ ସେଜ ଆରତୀ ହେବ । ପୂଜକ ନିରାକାର ତ୍ରିପାଠୀ, ଅଜୟ କୁମାର ନନ୍ଦ, ଘନଶ୍ୟାମ ଶର୍ମା ସମସ୍ତ ପୂଜାକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ । ମନ୍ଦିର ପୂଜକ ବିରଞ୍ଚି ନାରାୟଣ ନନ୍ଦ, କର୍ତ୍ତା ଗୋପାଳ ଚନ୍ଦ୍ର ପାତ୍ର ଓ କର୍ତ୍ତୀ ନିରସା ପାତ୍ର ଉପସ୍ଥିତ ଥିଲେ ।

# ମା' ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ

**ଢେଙ୍କାନାଳ, ୧୮ ।୪(ସମିସ) :** ସହର ଉପକଣ୍ଠ ସିମିଳିଆ ଗ୍ରାମର ୱାର୍ଡ ନଂ-୧୯ ଠାରେ ମା' ହିଙ୍ଗୁଳା ଦେବୀଙ୍କ ନବମ ବାର୍ଷିକ ଉତ୍ସବର ପୂର୍ଣ୍ଣାହୁତ ପାଳନ କରାଯାଇଛି । ପୂର୍ଣ୍ଣାହୁତି ସହିତ ପ୍ରସାଦସେବନ ଅୟୋଜନ କରାଯାଇଥିଲା । ପ୍ରତ୍ୟେକ ଦିନ ମା'ଙ୍କ ସୂର୍ଯ୍ୟପୂଜା, ଗୋ-ପୂଜା, ଚଣ୍ଡୀପାଠ, ଷୋଡ଼ଶ ଉପଚାର ପୂଜା, ସପ୍ତଚଣ୍ଡୀ ଆହୁତି, ବିଭିନ୍ନ ଭୋଗ, ଫଳ, ପଣା ଇତ୍ୟାଦି ଲାଗି କରାଯାଉଥିଲା । ପୂଜକ ରୁଦ୍ରନାରାୟଣ କବିଶତପଥୀ, କର୍ତ୍ତା ପ୍ରଭାତ କୁମାର ବେହେରା ଓ ଲିପିକା ବେହେରା, ସଭାପତି ମୋତିଲାଲ୍ ସାହୁ, ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ରାଧୁଚରଣ ବେହେରା ଏବଂ କର୍ମକର୍ତ୍ତା ଲିଙ୍ଗରାଜ ପାତ୍ର, କାର୍ତ୍ତିକ ବେହେରା, ଚନ୍ଦନ ବେହେରା, ବିଷ୍ଣୁଚରଣ ସାହୁ ପ୍ରମୁଖଙ୍କ ସହିତ ସାହିବାସୀନ୍ଦାଙ୍କ ସହଯୋଗରେ ଉକ୍ତ ବାର୍ଷିକ ଉତ୍ସବ ସମାପନ ହୋଇଥିଲା ।

# ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

**ଆଠମଲ୍ଲିକ, ୧୮ ।୪(ସମିସ):** ପ୍ରଭୁଜି ଇଂଲିଶ ମିଡିୟମ ସ୍କୁଲର ସଭାପତି ନିହାର ରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ମୁଖ୍ୟ ଅତିଥି ଭାବରେ ଏସଡିପିଓ ବାଳକୃଷ୍ଣ କଅଁର, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଜୀବର୍ଦ୍ଧନ ବାରିକ, ସମ୍ମାନିତ ଅତିଥି ଭାବରେ ଷ୍ଟେଟ ବ୍ୟାଙ୍କ ଆଠମଲ୍ଲିକ ଶାଖା ପରିଚାଳକ ଅଭିଳାଷ ପଟ୍ଟନାୟକ, ଆଠମଲ୍ଲିକ ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସମାଧାନ ସମ୍ପାଦକ ବିନୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ସ୍କୁଲ ଶିକ୍ଷକ ବସନ୍ତ କୁମାର କର୍ମୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁମନ୍ଦିରରେ ଶ୍ରୀରାମ ନବମୀ ପାଳିତ

**ଆଠମଲ୍ଲିକ, ୧୮ ।୪(ସମିସ):** ସରସ୍ୱତୀ ଶିଶୁମନ୍ଦିର ଆଠମଲ୍ଲିକରେ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ବିଦ୍ୟାଳୟର ଉପସଭାପତି କଷ୍ୟପ ଖେତୀ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା , ଆଚାର୍ଯ୍ୟ ଦିଲ୍ଲୀପ କୁମାର ମିଶ୍ର ନିଜ ନିଜର ମନ୍ତବ୍ୟ ରଖିଥିଲେ । ବିଦ୍ୟାଳୟର କୁନି କୁନି ଶିଶୁମାନେ ରାମାୟଣର ବିଭିନ୍ନ ଚରିତ୍ର ଆଦି ବେଶ ଧାରଣ କରି ରାମଙ୍କ ନାମ ଭଜନ କରି ନଗର ପରିକ୍ରମା କରିଥିଲେ । ଶେଷରେ ଜଗନ୍ନାଥ ମନ୍ଦିରକୁ ଯାଇ ହନୁମାନ ଚାଳିଷା ଗାନ କରିଥିଲେ ଏବଂ ପରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ ।

